## ସଂକ୍ଷେପରେ

### ବାତ୍ୟା ପ୍ରଭାବିତଙ୍କୁ ରିଲିଫ୍ ଯୋଗାଣ

### ରାଶନକାର୍ଡ ହିତାଧିକାରୀଙ୍କୁ ୫୦୦ ଟଙ୍କା

**ଡେରାବିଶ, ୮।୫(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଞ୍ଚଳରେ ବାତ୍ୟା ପ୍ରଭାବିତଙ୍କୁ ପୂର୍ବରୁ ୩ ଦିନ ପାଇଁ ରିଲିଫ୍ ଚାଉଳ ପ୍ରଦାନ କରାଯାଇଥିବା ବେଳେ ବୁଧବାରଠାରୁ ସମସ୍ତ ରାଶନକାର୍ଡ ହିତାଧିକାରୀଙ୍କୁ ୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ବ୍ଲକ ଅଞ୍ଚଳର ୩୦ ହଜାର ୭୩୨ଜଣ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ୫୦୦ ଟଙ୍କା ପ୍ରଦାନ କରାଯିବ। ବୁଧବାରଠାରୁ ଏହାର ଶୁଭାରମ୍ଭ ହୋଇଛି। ବିଡିଓ ଗୋପବନ୍ଧୁ ଭୋସାଗରଙ୍କ ସୂଚନା ଅନୁଯାୟୀ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ୨୨୧୧ ହିତାଧିକାରୀ ଓ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୨୮ ହଜାର ୫୨୧ ଜଣଙ୍କୁ ସମୁଦାୟ ୧ କୋଟି ୫୩ ଲକ୍ଷ ୬୬ ହଜାର ଟଙ୍କା ରିଲିଫ ପ୍ରଦାନ କରାଯିବ। ଏଥିପାଇଁ ୨୬ ପଞ୍ଚାୟତକୁ ବ୍ଲକ ନୋଡାଲ ଅଧିକାରୀଙ୍କୁ ପଠାଯାଇ ଏହି କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଥିବା ବିଡିଓ ଭୋସାଗର ସୂଚନା ଦେଇଛନ୍ତି।

### ମେ ୧୫ ସୁଦ୍ଧା ଶେଷ ହେବ ବାତ୍ୟା ମରାମତି, ରିଲିଫ କାର୍ଯ୍ୟ

**କେନ୍ଦ୍ରାପଡା ଅଫିସ, ୮।୫:** ଆସନ୍ତା ୨୩ରେ ଭୋଟ ଗଣତି ହେବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୫ ସୁଦ୍ଧା ଫନୀ ବାତ୍ୟା ସମୟରେ ହୋଇଥିବା କ୍ଷୟକ୍ଷତି ଓ ରିଲିଫ କାର୍ଯ୍ୟ ସମାପନ ହେବ। ଏନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା ବିପର୍ଯ୍ୟୟ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଅଧିକାରୀ ତଥା ଜଳସମ୍ପଦ ସଚିବ ପ୍ରଦୀପ ଜେନା ଏହି ବୈଠକରେ ଅଧକ୍ଷତା କରିଥିଲେ। ଫନୀ ବାତ୍ୟାରେ ଜିଲାରେ ୧୮୭୨ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଥିଲା। ଇତିମଧ୍ୟରେ ୧୨୦୦ରୁ ଉର୍ଦ୍ଧ୍ୱ ଖୁଣ୍ଟ ମରାମତି କରାଯାଇଥିବା ବେଳେ ଅବଶିଷ୍ଟ ଖୁଣ୍ଟ ଏନ୍‌ଜେନ କମ୍ପାନୀ ପକ୍ଷରୁ ମୟୁରଭଞ୍ଜ ଓ ଖଡଗପୁରରୁ ଆଣିବାକୁ ସ୍ଥିର କରାଯାଇଛି। ସେହିପରି ଜିଲାର ୨୭୭ ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୧୮୫ଟି କାର୍ଯ୍ୟକ୍ଷମ ହୋଇଛି। ୯୨ଟି ପ୍ରକଳ୍ପରେ ଡିଜି ସେଟ ଲଗାଯାଇ ପାନୀୟ ଜଳ ଯୋଗାଣ ହେଉଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ରାଉତ, ପିଡି ଦିଲିପ କୁମାର ପରିଡା, ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

### ସାମାଜିକ କର୍ମୀଙ୍କ ସ୍ମୃତିସଭା

**ଡେରାବିଶ, ୮।୫ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅଧୀନ ସବଳଙ୍ଗ କଣିପଡ଼ାସ୍ଥିତ ଜୟଭାରତୀ ସାଥୀସମାଜ ପରିସରରେ ସାମାଜିକ କର୍ମୀ କ୍ଷୀରୋଦ ଚନ୍ଦ୍ର ସାମନ୍ତରାୟଙ୍କ ବିୟୋଗରେ ମଙ୍ଗଳବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାଥୀସମାଜ ସମ୍ପାଦକ ନିରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ସ୍ମୃତିଚାରଣ ସଭାରେ ଉପସଭାପତି ଅବସରପ୍ରାପ୍ତ ପ୍ରାଧାପକ ପ୍ରତାପ ଚନ୍ଦ୍ର ମହାପାତ୍ର, ହରିଅଙ୍କ ସମିତିସଭ୍ୟ ରଘୁନାଥ ଶତପଥୀ, ହରିଅଙ୍କ ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, ସଦସ୍ୟ ଦାମୋଦର ବେଦାନ୍ତ, ପ୍ରମୋଦ କୁମାର ପ୍ରଧାନ, ଶାନ୍ତନୁ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ସ୍ମୃତିଚାରଣ କରିଥିଲେ। ଗତ ମେ ୨୫ ତାରିଖରେ ସଡ଼କ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ହୋଇଥିଲା।

# ୭ଲକ୍ଷ ୫୮ହଜାର ଲୋକ ପ୍ରଭାବିତ

**କେନ୍ଦ୍ରାପଡ଼ା ଅଫିସ୍, ୮।୫**

**କେନ୍ଦ୍ରାପଡ଼ାରେ ଫନୀ ପ୍ରଭାବ**
- ଆଳି, ଡେରାବିଶ ଓ ପଟ୍ଟାମୁଣ୍ଡାଇରେ ୩ ମୃତ
- ୧୮୫୪୦ କଚ୍ଚା ଘର, ୩୫୨୪ କୁଡିଆ ଓ ୪୯୧୦ ଗୁହାଳ ଭାଙ୍ଗିଛି

୧୯୯୯ ମହାବାତ୍ୟା ଓଡ଼ିଶା ଉପକୂଳରେ ତାଣ୍ଡବ ରଚିଥିବା ବେଳେ କେନ୍ଦ୍ରାପଡ଼ା ଜିଲା ଶ୍ରୀହିନ ହୋଇପଡ଼ିଥିଲା। ଏହାର ୨୦ବର୍ଷ ପରେ ଧୀରେଧୀରେ କେନ୍ଦ୍ରାପଡ଼ା ଜିଲାର ସ୍ଥିତିରେ ସୁଧାର ଆସୁଥିବା ବେଳେ ପୁଣି ଏକ ବାତ୍ୟା ଜିଲାରେ ଆତଙ୍କ ରଚିଛି। ବାତ୍ୟା ଫନୀ ପ୍ରଭାବରେ ପୁରୀ, ଭୁବନେଶ୍ୱର ଓ କଟକ ଜିଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ଆଂଶିକ କ୍ଷତି ଘଟାଇଛି।

ଗତ ୩ ତାରିଖରେ ଫନୀ ପ୍ରଭାବରେ ଜିଲାରେ ଘଣ୍ଟା ପ୍ରତି ୧୨୦ରୁ ୧୩୦ କି.ମି. ବେଗରେ ପବନ ବହିବା ସହିତ ତୁହାକୁତୁହା ବର୍ଷା ହୋଇଥିଲା। ଏହା ପ୍ରଭାବରେ ଜିଲାର ୯ ବ୍ଲକ ଓ ୨ ପୌରାଞ୍ଚଳର ମୋଟ ୭୫୮୪୧୯ ଜଣ ଅଧିବାସୀ ପ୍ରଭାବିତ ହୋଇଛନ୍ତି। ତନ୍ମଧ୍ୟରୁ ୨୦୭ ପଞ୍ଚାୟତ ଅଧୀନ ୧୦୧୯ଟି ରାଜସ୍ୱ ଗ୍ରାମ ଓ ୪୧ଟି ୱାର୍ଡର ଲୋକେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ କେଶରପୁର ଗ୍ରାମର ପ୍ରତାପ ମଲ୍ଲିକ (୮୫), ଡେରାବିଶ ବ୍ଲକ ନୂଆଗାଁ ଗ୍ରାମର ଭାନୁପ୍ରିୟା ପ୍ରଧାନ (୩୭) ଓ ଆଳି ବ୍ଲକ ଅରଗଳ ଗ୍ରାମର ଭାରତୀ ଦାସ (୬୫)ଙ୍କ ବାତ୍ୟାରେ ମୃତ୍ୟୁ ହୋଇଥିବା ଜିଲା ପ୍ରଶାସନ ରିପୋର୍ଟରୁ ଜଣାପଡ଼ିଛି। ବାତ୍ୟା ଯୋଗୁ ଝାଟିମାଟି ଘର ସବୁ ମାଟିରେ ମିଶି ଯାଇଥିବା ବେଳେ ରାସ୍ତା ଉପରେ ଗଛ ପଡ଼ିବା ଯୋଗୁ ଗମନାଗମନ ଠପ ହେବା ସହ ପାନୀୟ ଜଳ, ବିଦ୍ୟୁତ୍ ସେବା ବନ୍ଦ ହୋଇଯାଇଥିଲା। ବାତ୍ୟାର ଦୁଇଦିନ ପରେ ଜିଲାର ବିଭିନ୍ନ ସ୍ଥାନରେ ଜନଜୀବନ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

ବାତ୍ୟା ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ଜିଲାର ତଳିଆ ଅଞ୍ଚଳରେ ରହୁଥିବା ୧,୧୬,୬୯୩ ଜଣଙ୍କୁ ୫୯୩ଟି ସ୍ଥାନରେ ଥଇଥାନ କରାଯାଇଥିଲା। ଏହି ସମୟରେ ଜିଲା ପୋଲିସ, ୩ ଏନ୍‌ଡିଆରଏଫ ଟିମ୍, ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଲୋକଙ୍କ ନିକଟରେ ପହଞ୍ଚି ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ମୋଟ ୪୨୧୮୧.୯୧ କୁଇଣ୍ଟାଲ ଚାଉଳ ରିଲିଫ୍ ଆକାରରେ ବଣ୍ଟନ କରାଯାଇଛି। ରବିବାର ସନ୍ଧ୍ୟା ସୁଦ୍ଧା ଜିଲାର ୧୮୫୪୦ କଚ୍ଚା ଘର, ୩୫୨୪ କୁଡିଆ ଓ ୪୯୧୦ଟି ଗୁହାଳ ଭାଙ୍ଗିଥିବା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ତେବେ ଏହି ବାତ୍ୟାରେ କେତେ ପଶୁପକ୍ଷୀ ଓ କେତେ ଗୃହପାଳିତ ପ୍ରାଣୀ ମୃତାହତ ହୋଇଛନ୍ତି ସେ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରିନାହିଁ।

## ନୂତନ ଜିଲାପାଳଙ୍କ ଡେରାବିଶ ଗସ୍ତ

**ଡେରାବିଶ, ୮।୫ (ସ୍ୱ.ପ୍ର.)**


ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ।

କେନ୍ଦ୍ରାପଡ଼ା ଜିଲା ନୂତନ ଜିଲାପାଳ ଭାବେ ଯୋଗଦେଇଥିବା ପ୍ରେମଚାନ୍ଦ ଚୌଧୁରୀ ବୁଧବାର ପ୍ରଥମ କରି ଡେରାବିଶ ବ୍ଲକ ଗସ୍ତ କରିଥିଲେ। ଏହି ଅବସରରେ ସେ ବାତ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ କାର୍ଯ୍ୟ କିଭଳି ଚାଲିଛି ସେ ସମ୍ପର୍କରେ ଡେରାବିଶ ବିଡିଓ ଗୋପବନ୍ଧୁ ଭୋସାଗରଙ୍କଠାରୁ ବୁଝିଥିଲେ। ବିଡିଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରିଲିଫ ସମୀକ୍ଷା ବୈଠକରେ ଜିଲାପାଳ ଚୌଧୁରୀ ଯୋଗଦେଇ ରିଲିଫ ପ୍ରଦାନ କେତେ ଦୂର ସଫଳ ହୋଇଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ସମସ୍ତ ରାଶନକାର୍ଡ ହିତାଧିକାରୀଙ୍କ ନିକଟରେ ରିଲିଫ୍ ବାବଦ ୫୦୦ ଟଙ୍କା ତୁରନ୍ତ ପହଞ୍ଚାଇବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବ୍ଲକ ଅଧୀନ ୨୬ ପଞ୍ଚାୟତରେ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କାର୍ଯ୍ୟ କେତେଦୂର ତ୍ୱରାନ୍ୱିତ ହୋଇଛି ସେ ସମ୍ପର୍କରେ ଅତିରିକ୍ତ ତହସିଲଦାର କାହ୍ନୁ ଚରଣ ଲେଙ୍କା ଜିଲାପାଳଙ୍କୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦରଥାନା ଅଧିକାରୀ ମହେଶ୍ୱର ସେଠୀ, ନିକିରାଇ ଥାନା ଅଧିକାରୀ କାବୁଲି ବାରିକ, ଡେରାବିଶ ଥାନା ଏସଆଇ ପଞ୍ଚାନନ ମିଶ୍ର ଉପସ୍ଥିତ ରହିଥିଲେ।

## ■ କେବଳ ରାଶନକାର୍ଡ ହିତାଧିକାରୀଙ୍କୁ କିରୋସିନ
## ସାଧାରଣବର୍ଗଙ୍କୁ ଉପେକ୍ଷା

**ଡେରାବିଶ, ୮।୫ (ସ୍ୱ.ପ୍ର.)**

**ବଢୁଛି ଅସନ୍ତୋଷ**

ବାତ୍ୟା ଫନୀ ପ୍ରଭାବରେ ଡେରାବିଶ ବ୍ଲକ ଅଞ୍ଚଳରେ ବହୁ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡ଼ିବା ସହ ଅନେକେ ଖୁଣ୍ଟ ଭାଙ୍ଗି ପଡ଼ିଛି। ଫଳରେ ଗତ ୩ ତାରିଖଠାରୁ ବ୍ଲକ ଅଧୀନ ୨୬ ପଞ୍ଚାୟତର ୧୮୨ ରାଜସ୍ୱ ଗ୍ରାମରେ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଇତିମଧ୍ୟରେ ୬ ଦିନ ବିତିଥିବା ବେଳେ ହାତଗଣତି କେତେକ ଗ୍ରାମ ଛାଡ଼ିଲେ ୯୫ ପ୍ରତିଶତ ଲୋକ ଏବେ ବି ଅନ୍ଧାରରେ ରହିଛନ୍ତି।

ଅପରପକ୍ଷେ ସରକାରଙ୍କ ପକ୍ଷରୁ କେବଳ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ କିରୋସିନ ଯୋଗାଇ ଦିଆଯାଉଛି। ଫଳରେ ରାଶନକାର୍ଡ ନଥିବା ସାଧାରଣ ବର୍ଗର ଲୋକେ ଡିବି, ଲଣ୍ଠନ ମଧ୍ୟ ଲଗାଇ ପାରୁନାହାନ୍ତି। ବ୍ଲକ ଅଞ୍ଚଳର ମୋଟ ୩୦ ହଜାର ୭୩୨ ରାଶନକାର୍ଡ ହିତାଧିକାରୀ କିରୋସିନ୍ ପାଉଥିବା ବେଳେ ୪ ହଜାରରୁ ଉର୍ଦ୍ଧ୍ୱ ସାଧାରଣ ବର୍ଗର ପରିବାର କିରୋସିନ ଟିକିଏ ପାଇବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ଅଧୀନ ପଲ୍ଲୀ ରଘୁନାଥପୁରର ଶ୍ରୀୟା ରଏ କହିଛନ୍ତି, କେବଳ ରାଶନକାର୍ଡ ହିତଧିକାରୀଙ୍କୁ କିରୋସିନ୍ ପ୍ରଦାନ କରାଯାଉଥିବା ବେଳେ ସାଧାରଣବର୍ଗଙ୍କୁ ଅଣଦେଖା କରାଯାଉଛି। ସରକାର ଏ ଦିଗରେ ଦୃଷ୍ଟି ଦେଉ ନଥିବା ବେଳେ ପ୍ରଶାସନିକସ୍ତରରେ ମଧ୍ୟ ଏହାର ଅନୁଧ୍ୟାନ କରାଯାଉନାହିଁ। ଫଳରେ ସାଧାରଣବର୍ଗର ଲୋକେ ହିନସ୍ତା ଭୋଗୁଛନ୍ତି ବୋଲି ଶ୍ରୀୟା କହିଛନ୍ତି। କେବଳ ରାଶନକାର୍ଡ ହିତାଧିକାରୀଙ୍କୁ ରିଲିଫ ଓ କିରୋସିନ ବଣ୍ଟନ କରାଯାଉଥିବା ବେଳେ ସାଧାରଣ ବର୍ଗଙ୍କୁ ଏଥିରୁ ବାଦ ଦିଆଯିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ ବୋଲି ଜିଲା ଚାଷୀ ସମିତି ସଂଘ ସଭାପତି ପଣ୍ଡିତ ଶରତ ମିଶ୍ର କହିଛନ୍ତି। ସେ କହିଛନ୍ତି, ପ୍ରତ୍ୟେକ ନାଗରିକଙ୍କ ଭୋଟ ଦେବାର ଅଧିକାର ରହିଛି।ଯେପରି ରହିଛି ତେବେ ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯାଇ ସାଧାରଣ ବର୍ଗର ଲୋକଙ୍କୁ ରିଲିଫ୍ ଓ କିରୋସିନ ପ୍ରଦାନ କରିବାକୁ ଶରତ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

### ନଦୀ ସ୍ରୋତରୁ ୨ ଜଣଙ୍କୁ ଉଦ୍ଧାର କଲେ କୌଶଲ୍ୟା

**ମାର୍ଶାଘାଇ, ୮।୫ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ ବାଲଣା ଆଦମପୁର ଗ୍ରାମ ପାର୍ଶ୍ୱରେ ଶାଖା ଗୋବରୀ ନଦୀରେ ବୁଧବାର ପୂର୍ବାହ୍ନରେ ଗାଧୋଉଥିବା ବେଳେ ୨ ନାବାଳକ ନଦୀ ସ୍ରୋତରେ ଭାସି ଯାଇଥିଲେ। ତେବେ ନିକଟସ୍ଥ ଅନ୍ୟ ଏକ ତୁଠରେ ଗାଧୋଉଥିବା ସ୍ଥାନୀୟ ଗ୍ରାମ କେତେଜଣ ମହିଳାଙ୍କ ମଧ୍ୟରୁ କୌଶଲ୍ୟା ସାମଲ ପହଁରି ପହଁରି ଯାଇ କିଛି ଦୂରରୁ ସେମାନଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ନାବାଳକ ଦ୍ୱୟ ହେଲେ ନରେଶ ବାରିକଙ୍କ ପୁଅ ବିବେକାନନ୍ଦ ବାରିକ(୧୦) ଓ ଅଭିମନ୍ୟୁ ବାରିକଙ୍କ ପୁଅ ନିଗମାନନ୍ଦ (୧୦)। କୌଶଲ୍ୟାଙ୍କ ସାହସିକତା ପାଇଁ ଦଶିପୁର ସରପଞ୍ଚ ବିକ୍ରମ କେଶରୀ ଦାଶ ଓ ସ୍ଥାନୀୟ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

## ୩ ହଜାର ହେକ୍ଟର ଫସଲ ନଷ୍ଟ

**ପଟ୍ଟାମୁଣ୍ଡାଇ, ୮।୫ (ସ୍ୱ.ପ୍ର.)**


ଉଜୁଡ଼ା ବିରି ଫସଲ।

**ଫନୀ ପ୍ରଭାବ**

ବାତ୍ୟା ଫନୀ ପ୍ରଭାବରେ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ଗ୍ରାମରେ ବୁଣା ଯାଇଥିବା ମୁଗ ବିରି ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପବନ ମାଡରେ ପାଚି ଶୁଖିଥିବା ମୁଗ ଛୁଇଁ ଝଡି ଯାଇଥିବା ବେଳେ ବିରି ଛୁଇଁ ମଧ୍ୟ ଝଡି ନଷ୍ଟ ହୋଇଛି। ବାତ୍ୟା ଆଶଙ୍କାରେ ଅଧିକାଂଶ ଚାଷୀ ଶୁଖିଲା ମୁଗ ବିଲରୁ ଓପାଡି ଦେଇଥିଲେ ମଧ୍ୟ ତାହା ଘରକୁ ଆଣିପାରି ନଥିଲେ। ବିଲରେ ପଡ଼ି ରହିଥିବା ମୁଗ ବର୍ଷାରେ ଭିଜି ଏବେ ଗଜା ହୋଇଗଲାଣି। ବାତ୍ୟା ଯୋଗୁ ବ୍ୟପକ ଫସଲ ନଷ୍ଟ ହୋଇଥିବା ବହୁ ଚାଷୀ କହିଛନ୍ତି। ଉଜୁଡ଼ା ଫସଲ ପାଇଁ ଚାଷୀମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ବ୍ଲକ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ପଟ୍ଟାମୁଣ୍ଡାଇ, ବେଲତଳ, ଅଡାଖଣ୍ଡ ମଠସାହି, ଗଣ୍ଡୁକୁଳ, ବଡମୁଳବସନ୍ତ, ନପଙ୍ଗ, ଡିହାପଡା, ସାନଜରିଆ, ଗଙ୍ଗାରାମପୁର, ବଡ଼ପଡ଼ା, କାଠିଆପଡ଼ା ଆଦି ଗ୍ରାମର ଶହ ଶହ ଚାଷୀ ମୁଗ ଚାଷ କରିଥିଲେ। ମାତ୍ର ଫନୀ ଫସଲ ଉଜାଡି ଦେଇଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇଛନ୍ତି। ସର୍ଭେ କରାଯାଇ ଉପଯୁକ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ରବୀନ୍ଦ୍ର ମଲିକ, ଅକ୍ଷୟ ମଲିକ, ମଧୁସୂଦନ ମଲିକ, ବାବୁରାମ ମଲିକ, କାଳନ୍ଦୀ ମଲିକ, ଅକ୍ଷୟ ଦାସ, ତ୍ରୈଲୋକ୍ୟନାଥ ଦାସ, ଶିବପ୍ରସାଦ ଦାସ, ଅଚ୍ୟୁତାନନ୍ଦ ଚୌଧୁରୀ, ଶଙ୍କର୍ଷଣ ଦାସ, ବିଜୟ ଦାସଙ୍କ ସମେତ ଶତାଧିକ ଚାଷୀ ଦାବି କରିଛନ୍ତି।

## ଟେଲିଫୋନ୍, ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

**ରାଜକନିକା, ୮।୫ (ଡି.ଏନ୍.ଏ.)**



ଭାଙ୍ଗି ପଡ଼ିଥିବା ଟାୱାର।

ବାତ୍ୟା ଫନୀ ଯୋଗୁ ବିଭିନ୍ନ ସ୍ଥାନରେ ମୋବାଇଲ ଟାୱାର ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଥିବାରୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଥିବା ବେଳେ ମୋବାଇଲରେ ନେଟ୍‌ୱର୍କ ପାଇଁ ବହୁ ସମସ୍ୟା ଦେଖାଦେଇଛି। ରାଜକନିକା ବ୍ଲକ କଣ୍ଡିଆ ଗ୍ରାମରେ ଥିବା ୫୧୦ ଫୁଟ ଉଚ୍ଚର ଏକ ମୋବାଇଲ ଟାୱାର ବାତ୍ୟା ପ୍ରଭାବରେ ଭାଙ୍ଗି ଚୂରମାର ହୋଇଯାଇଛି। ଟାୱାରଟି ଭାଙ୍ଗି ଆଖପାଖର ୪ଟି ନଡ଼ିଆଗଛ ଉପରେ ପଡ଼ିବା ଯୋଗୁ ସେଗୁଡ଼ିକ ଭାଙ୍ଗିଯିବା ସହ ନିକଟରେ ଥିବା ଏକ ପାଣି ଟାଙ୍କି ମଧ୍ୟ ଭାଙ୍ଗି ଯାଇଛି। ତେବେ ସେହି ସ୍ଥାନରେ ବସବାସ କରୁଥିବା ଲୋକମାନେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ଥିବାରୁ ଲୋକମାନେ ୨-୩ ଦିନ ଅନ୍ଧାରରେ ରହିବା ପରେ କେତେକ ଗ୍ରାମକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି। ଏଥିସହ ବିଭିନ୍ନ ସ୍ଥାନରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି।

# ବିଷାକ୍ତ ଗ୍ୟାସ ବଳୟରେ ବତିଘର

**କେନ୍ଦ୍ରାପଡା ଅଫିସ, ୮।୫**

**ମହାକାଳପଡ଼ା ବ୍ଲକ**
- କଳା ଓ ହଳଦିଆ ଧୂଆଁରେ ପରିବେଶ ଆଚ୍ଛାଦିତ
- କ୍ୟାନସର ଓ ଚର୍ମରୋଗରେ ବଡତୁବି ଗ୍ରାମର ୨୮ ଲୋକ ଚିହ୍ନଟ
- ନିକଟ ଶିଳ୍ପ ଓ କଳକାରଖାନାରୁ ଆସୁଛି ବିଷାକ୍ତ ଗ୍ୟାସ
- ବନ୍ୟ ଓ ପ୍ରାଣୀ ସମ୍ପଦ କ୍ଷତିଗ୍ରସ୍ତ

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକର ଉପାନ୍ତରେ ରହିଛି ବତିଘର ପଞ୍ଚାୟତ। ଜାତୀୟ ଉଦ୍ୟାନ ଭିତରକନିକା ଅନ୍ତର୍ଗତ ଏହି ସ୍ଥାନ ଜୈବ ବିବିଧତାରେ ପରିପୂର୍ଣ୍ଣ। ଏଥିସହ ପର୍ଯ୍ୟଟନ କ୍ଷେତ୍ର ଭାବେ ବତିଘରର ସୁନାମ ରହିଛି। ମାତ୍ର ଏବେ ଏହି ପଞ୍ଚାୟତ ତାର ପ୍ରାକୃତିକ ସୌନ୍ଦର୍ଯ୍ୟ ହରାଇବାକୁ ବସିଛି। ପଡୋଶୀ ଜଗତସିଂହପୁର ଜିଲାର ଇଫକୋ ପ୍ଲାଣ୍ଟ ଓ ଅନ୍ୟ ଶିଳ୍ପର ପ୍ରଭାବ ଏହା ଉପରେ ପଡୁଛି। ପ୍ଲାଣ୍ଟରୁ ନିର୍ଗତ କଳା ଧୂଆଁ ଓ ବର୍ଜ୍ୟବସ୍ତୁ ପରିଚାଳନାରେ ଅଭାବ କାରଣରୁ ବତିଘର ପଞ୍ଚାୟତ ଆକାଶରେ କଳା ଓ ହଳଦିଆ ଆସ୍ତରଣ ବିଛାଇ ହୋଇଯାଉଛି। ପ୍ରତ୍ୟହ ସକାଳେ ଆକାଶରେ ୧ ମିଲିମିଟରର ଏଭଳି ଆସ୍ତରଣ ଦେଖିବାକୁ ମିଳୁଛି। ବିଷାକ୍ତ ଧୂଆଁଯୋଗୁ ଅଞ୍ଚଳରେ କ୍ୟାନସର, ଚର୍ମରୋଗ, ପେଟରୋଗ ଆଦି ବ୍ୟାପିବାରେ ଲାଗିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି।

ଏହି ପଞ୍ଚାୟତ ଅନ୍ତର୍ଗତ ବଡତୁବି ରାଜସ୍ୱଗ୍ରାମରେ ଏଭଳି ୨୮ ଜଣ ରୋଗୀ ଚିହ୍ନଟ ହୋଇଥିଲା ବେଳେ ବହୁ ଅଧିକ ବ୍ୟକ୍ତି ଏସବୁ ରୋଗର ଶିକାର ହୋଇଥିବା ଆଶଙ୍କା କରାଯାଉଛି। ଏହି ଗ୍ରାମରୁ ମାତ୍ର ୩ କିଲୋମିଟର ଦୂରରେ ଜଗତସିଂହପୁର ଜିଲାର ଇଫକୋ ସହ ଅନ୍ୟ ପ୍ଲାଣ୍ଟ ଥିବାରୁ ଏପରି ଅବସ୍ଥା ହୋଇଛି ବୋଲି କୁହାଯାଉଛି। ମାତ୍ର ଏହା ସତ୍ତ୍ୱେ ଏସବୁ ଶିଳ୍ପ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏପରିକି ଶିଳ୍ପଗୁଡ଼ିକର ଥିବା ସିଏସଆର ପାଣ୍ଠିରୁ କୌଣସି ଅର୍ଥ ଅଦ୍ୟାବଧି ଖର୍ଚ୍ଚ ହୋଇନାହିଁ। ଏନେଇ ମହାକାଳପଡାର ଆମ ପ୍ରୟାସ ବିକାଶ ସାମାଜିକ ସଂଗଠନ ପକ୍ଷରୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଏନେଇ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ସଂଗଠନର କର୍ମକର୍ତ୍ତା ସୁଲିଲ ଗନ୍ତାୟତ କୁହନ୍ତିଯେ, ବଡତୁବୀ ଗ୍ରାମ ନିକଟରେ ଇଫକୋ ପ୍ଲାଣ୍ଟ ଥିବାରୁ, ଏଥିରୁ ନିର୍ଗତ ବିଷାକ୍ତ ଆମୋନିଆ, କାର୍ବନ ମନୋକ୍ସାଇଡ, ସଲଫର ଡାଇଅକ୍ସାଇଡ, ନାଇଟ୍ରସ ଅକ୍ସାଇଡ ଗ୍ୟାସ ପରିବେଶକୁ ଦୂଷିତ କରୁଛି। ଏହା ଜନଜୀବନକୁ ପ୍ରଭାବିତ କରିବା ସହ ବନ୍ୟ ଓ ପ୍ରାଣୀ ସମ୍ପଦକୁ କ୍ଷତିଗ୍ରସ୍ତ କରୁଛି।

ଏଥିଯୋଗୁ ପନିପରିବା ଚାଷ ନଷ୍ଟ ହେଉଥିବା ବେଳେ ନାଳ, ଜୋର, ପୋଖରୀ ଆଦି ଜଳାଶୟରେ ମାଛ ଚାଷ ପ୍ରଭାବିତ ହେଉଛି। ଏନେଇ ଓସା ସଂଗଠନ ପକ୍ଷରୁ ଜିଲାପାଳଙ୍କ ନିକଟରେ ୭ ଦଫା ଦାବି ଉପସ୍ଥାପନ କରାଯାଇଛି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ଲାଗି ସେ ଚେତାବନୀ ଦେଇଛନ୍ତି। ସେହିପରି ପ୍ରମୋଦ କୁମାର ସ୍ୱାଇଁ କୁହନ୍ତିଯେ, ବତୀଘର ପଞ୍ଚାୟତକୁ ସଡ଼କ ଯୋଗେ ଗମନାଗମନ ପଥ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ବିଦ୍ୟୁତ ସେବା ଆଦି ମୌଳିକ ସୁବିଧା ପାଇଁ ପଞ୍ଚାୟତବାସୀ ଏବେବି ସଂଘର୍ଷ କରୁଛନ୍ତି। ଏପରିସ୍ଥିତିରେ ସ୍ଥାନୀୟ ଲୋକଙ୍କ ପାଇଁ ବିଷାକ୍ତ ଗ୍ୟାସ ନୂଆ ସମସ୍ୟା ସୃଷ୍ଟି କରିଛି। ୱାର୍ଡସଭ୍ୟ ବୈଦ୍ୟ ପ୍ରକାଶ କୁହନ୍ତି ଯେ, ଏହି ଗ୍ୟାସ ଯୋଗୁ ପତ୍ର ଉପରେ ହଳଦିଆ ରଙ୍ଗର ଠୋପା ଦେଖିବାକୁ ମିଳୁଛି। ପନିପରିବା ଓ ବିଭିନ୍ନ ଚାଷ କ୍ଷତିଗ୍ରସ୍ତ ହେଉଛି। ସଂଗଠନର ସଭ୍ୟ ସୂର୍ଯ୍ୟକାନ୍ତ ପାଣି, ପ୍ରତାପ କୁମାର ମହାନ୍ତି, ବିଭୁତି କୁମାର ରାଉତରାୟ ପ୍ରମୁଖ କହିଛନ୍ତିଯେ, ବିଷାକ୍ତ ଗ୍ୟାସ ଯୋଗୁ ସ୍ଥାନୀୟ ଅଞ୍ଚଳର ଦେଖାଯାଇଥିବା ସମସ୍ୟା ସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳ ଓ ଇଫକୋ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଜଳାଶୟ, ଜଙ୍ଗଲର ସ୍ଥିତି ପରଖ ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରିବା ପାଇଁ ଦାବି କରାଯାଇଛି। ଏ ସମ୍ପର୍କରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର କୁହନ୍ତିଯେ, ଏପରି ଅଭିଯୋଗ ଆସିଥିବା ଜଣାନାହିଁ। ତେବେ ସତ ହୋଇଥିଲେ ଇଫକୋ ସମେତ ଜଗତସିଂହପୁର ଜିଲାର ବିଭିନ୍ନ ଶିଳ୍ପ କର୍ତ୍ତୃପକ୍ଷଙ୍କୁ ଏନେଇ ସଚେତନ କରାଯିବ। ଏନେଇ ଖୁବ୍‌ଶୀଘ୍ର ପ୍ରଶାସନିକସ୍ତରରେ ତଦନ୍ତ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ଫଟୋରେ ଖବର


ଫନୀ ପ୍ରଭାବରେ ଡେରାବିଶ ବ୍ଲକ ଓଳକଣା ମେଲଣ ପଡ଼ିଆ ନିକଟରେ ଟ୍ରକ ଉପରେ ଏକ ଗଛ ପଡ଼ିଯାଇଛି।


ମାର୍ଶାଘାଇ ବ୍ଲକ ବିଲବଳରାମପୁରସ୍ଥିତ ଗୁପ୍ତ ସଖୀବଟ ଆନନ୍ଦ ବଜାର ଉପରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିଛି।

### ଫନୀ ପାଇଁ ମିଳିବ ମାସକର ଅତିରିକ୍ତ ଭତ୍ତା

**କେନ୍ଦ୍ରାପଡା ଅଫିସ, ୮।୫**

ଫନୀ ବାତ୍ୟା ଫଳରେ କେନ୍ଦ୍ରାପଡା ଜିଲା ପ୍ରଭାବିତ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ହିତାଧିକାରୀଙ୍କୁ ଅତିରିକ୍ତ ୧ ମାସର ଭତ୍ତା ପ୍ରଦାନ କରିବା ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ କେନ୍ଦ୍ରାପଡା ଜିଲାପାଳ ଏକ ନିର୍ଦ୍ଦେଶନାମା (ନଂ- ୧୩୨୮) ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଆସନ୍ତା ୧୦ ତାରିଖରେ ହିତାଧିକାରୀଙ୍କୁ ମେ ମାସ ଭତ୍ତା ସହ ଏହି ଅତିରିକ୍ତ ଭତ୍ତା ପ୍ରଦାନ କରାଯିବ। ଏ ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତିଯେ, ଏହାଦ୍ୱାରା ଜିଲାର ୧,୮୦,୭୯୨ ହିତାଧିକାରୀ ଉପକୃତ ହୋଇପାରିବେ।



ଯେକୌଣସି କାମ କରିବାକୁ ଶ୍ରଦ୍ଧାର ସହିତ ଚେଷ୍ଟା କଲେ ଯେତେ ବାଧା, ବିଘ୍ନ ଓ ଅସୁବିଧା ଆସୁ ପଛେ ଲୋକ ନିଶ୍ଚୟ ସଫଳ ହେବ ।
-ଜନ ବେୟାର୍ଡ



## ସଂକ୍ଷେପରେ

### ବିଦେଶୀ ମଦ ଜବତ, ବେପାରୀ ଗିରଫ



**ରସୁଲପୁର,୮।୫(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ-ଜେନାପୁର ରାସ୍ତାର ଜାବରା ନିକଟରୁ ବୁଧବାର ଅପରାହ୍ନରେ କୁଆଖିଆ ପୋଲିସ ପକ୍ଷରୁ ୩୫ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏଥିସହ ବେଆଇନ ମଦ କାରବାରରେ ସମ୍ପୃକ୍ତ ବ୍ୟବସାୟୀ ଜାବରା ପଞ୍ଚାୟତର ପ୍ରଦୀପ ଦେଓ(୩୨)ଙ୍କୁ ଗିରଫ କରିବା ସହ ତାଙ୍କ ବାଇକ୍‌କୁ ଜବତ କରିଛି । ପ୍ରଦୀପ ଏକ ବାଇକ୍‌ରେ ମଦ ବୋଝେଇ କରି ଗାଁକୁ ଯାଉଥିଲାବେଳେ ପୋଲିସ ଖବରପାଇ ତାଙ୍କୁ ପିଛା କରି ଗାଁ ନିକଟରେ କାବୁ କରିଥିଲା। ବାଇକ୍ ପଛରେ ବୋଝେଇ ହୋଇଥିବା ମଦ ପ୍ୟାକେଟକୁ ଯାଞ୍ଚ କରିବାରୁ ସେଥିରୁ ବିଦେଶୀ ମଦ ଜବତ ହୋଇଥିଲା। ପୋଲିସ ଏ ସମ୍ପର୍କରେ କୁଆଖିଆ ଥାନାରେ ଏକ ମାମଲା (କେସ୍ ନଂ-୧୩୦/୧୯) ରୁଜୁ କରିଛି ।

### ଅନୁକୂଳ ହେଲା ରଥ କାଠ

**ଛତିଆ,୮।୫(ଡିଏନଏ):** ବୈରୀଠାରେ ଥିବା ଶ୍ରୀଜଗନ୍ନାଥ ମଠରେ ତିନି ଠାକୁରଙ୍କ ପବିତ୍ର ରଥଯାତ୍ରା ପାଇଁ ରଥ କାଠ ଅକ୍ଷୟ ତୃତୀୟା ଦିନ ଅନୁକୂଳ ହୋଇଯାଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ମଙ୍ଗଳବାର ସକାଳୁ ଶ୍ରୀଜଗନ୍ନାଥ ପ୍ରେମୀ ବାଇଧର ଖିଲାରଙ୍କ ବଗିଚାରୁ ନିମ୍ବ ବୃକ୍ଷ ଚିହ୍ନଟ କରାଯାଇ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୂଜାର୍ଚ୍ଚନା ଉତ୍ସବରେ ମଠ ମହନ୍ତ କୃଷ୍ଣ ମହାରଣା, ମୁଖ୍ୟ ବିଶ୍ୱକର୍ମା ପ୍ରହ୍ଲାଦ ମହାରଣା, ଗଣେଶ୍ୱର ମହାରଣା, ରଥ ତତ୍ତ୍ୱାବଧାରୀ ସୁଜିତ୍ ସାହୁ, ମୁଖ୍ୟ ପରିଚାଳକ ଭାଗ୍ୟଧର ମହାନ୍ତି, ଉପଦେଷ୍ଟା କ୍ଷୀତିଶ୍ ନାୟକ, ମନ୍ଦିର ପୂଜକ ପ୍ରସନ୍ନ ନନା, କୁନିଆ ପରିଡା, ଲିଙ୍ଗରାଜ ମହାନ୍ତି, ଲକ୍ଷ୍ମୀଧର ନାୟକ, ଜୟରାମ ନାୟକ, ଈଶ୍ୱର ନାୟକ ପ୍ରମୁଖ ଯୋଗ ଦେଇଥିଲେ ଏବଂ ରଥଯାତ୍ରା ପୂର୍ବରୁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ସୂଚାରୁରୂପେ ଶେଷ କରିବାକୁ ନିଷ୍ପତ୍ତି ନେଇଥିଲେ।

### ଗୁରୁକୁଳ ପବ୍ଲିକ ସ୍କୁଲର ଶତ ପ୍ରତିଶତ ସଫଳତା

**ଧର୍ମଶାଳା,୮।୫(ଡି.ଏନ୍.ଏ.):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ନୂଆଦିଲ୍ଲୀ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଧର୍ମଶାଳା ବ୍ଲକ ହରିଦାସପୁରସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲକୁ ଶତପ୍ରତିଶତ ସଫଳତା ମିଳିଛି। ଚଳିତ ବର୍ଷ ବିଦ୍ୟାଳୟର ୬୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୨ ଜଣ ୯୦ ପ୍ରତିଶତରୁ ଅଧିକ ଓ ୫୦ ଜଣ ୬୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ଆଶୁତୋଷ ପରିଡା ସର୍ବାଧିକ ୯୭ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପ୍ପର ହୋଇଥିବା ବିଦ୍ୟାଳୟ ପକ୍ଷରୁ ପ୍ରେସ୍ ବିବୃତିରେ ପ୍ରକାଶ କରାଯାଇଛି। ବିଦ୍ୟାଳୟର ଏହି ସଫଳତା ପାଇଁ ସ୍କୁଲର ସଭାପତି ଅଭୟ କୁମାର ଜେନା, ନିର୍ଦ୍ଦେଶକ ସୁଶାନ୍ତ କୁମାର ମହାପାତ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀର କୁମାର କର, ପ୍ରଧାନଶିକ୍ଷୟିତ୍ରୀ ଆରତୀ ମିଶ୍ରଙ୍କ ସମେତ ଅଭିଭାବକ କୃତି ଛାତ୍ରୀଛାତ୍ରଙ୍କୁ ସାଧୁବାଦ ଜଣାଇଛନ୍ତି।

## ପାଣିକୋଇଲି ଟୋଲପ୍ଲାଜା

# ସ୍ଥାନାନ୍ତରଣ ପ୍ରସ୍ତାବ ପୁଣି ଘୁଞ୍ଚିଲା

**ଯାଜପୁର ଅଫିସ,୮।୫**



- ସମ୍ପ୍ରସାରଣ କାର୍ଯ୍ୟ ସରିଲେ ଘୁଞ୍ଚିବ
- ଆଖୁଆପଦାରେ ଚାଲିଛି ଜମି ଅଧିଗ୍ରହଣ

ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଓ ରାଜ୍ୟ ପରିବହନ ବିଭାଗର ନିଷ୍ପତ୍ତିର ପ୍ରାୟ ୩ବର୍ଷ ପରେ ବି ଯାଜପୁର ଜିଲାର ପାଣିକୋଇଲି ଓ ଶ୍ରୀରାମପୁର ଟୋଲ୍ ପ୍ଲାଜା ସ୍ଥାନାନ୍ତରଣ ହୋଇପାରି ନାହିଁ। ସମ୍ପ୍ରତି ୧୬ନମ୍ବର ଜାତୀୟ ରାଜପଥ(ଏନ୍‌ଏଚ୍)ର ଚଣ୍ଡିଖୋଲରୁ ଭଦ୍ରକ ୭୪.୫ କିମି ୬ ଲେନ ସମ୍ପ୍ରସାରଣ ସମୟରେ ପାଣିକୋଇଲି ଟୋଲ୍‌ପ୍ଲାଜା ଭଦ୍ରକ ଜିଲାର ଆଖୁଆପଦାକୁ ସ୍ଥାନାନ୍ତରଣ ହେବ ବୋଲି ୨୦୧୮ନଭେମ୍ବରରେ ଏନଏଚଏଆଇ ପକ୍ଷରୁ ସୂଚନା ମିଳିଥିଲା। ତେବେ ରାଜନୈତିକ ହସ୍ତକ୍ଷେପ ଯୋଗୁ ଏନ୍‌ଏଚ୍‌ଏଆଇର ଏହି ନିଷ୍ପତ୍ତି ମଧ୍ୟ କାର୍ଯ୍ୟକାରୀ ହୋଇପାରି ନାହିଁ। ଶିଳ୍ପ ଓ ଖଣି ପରିବହନରେ ଦୈନିକ ଲକ୍ଷାଧିକ ଟଙ୍କା ଆଦାୟ ହେଉଥିବା ପାଣିକୋଇଲି ଟୋଲପ୍ଲାଜା ସ୍ଥାନାନ୍ତରଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଟୋଲପ୍ଲାଜା ପାଇଁ ଆଖୁଆପଦାରେ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଛି ଏବଂ ୬ ଲେନ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେଲେ ପାଣିକୋଇଲି ଟୋଲପ୍ଲାଜା ସ୍ଥାନାନ୍ତରଣ ହେବ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ ଏବେ ପୁଣି କୁହାଯାଇଛି।

୧୬ନମ୍ବର ଜାତୀୟ ରାଜପଥ, ଚଣ୍ଡିଖୋଲ-ପାରାଦୀପ ୫୩ନମ୍ବର ଏବଂ ପାଣିକୋଇଲି-କେନ୍ଦୁଝର ୨୦ନମ୍ବର ଜାତୀୟ ରାଜପଥର ୧୦୦କି.ମି. ଦୂରତା ମଧ୍ୟରେ ୪ଟି ଟୋଲପ୍ଲାଜା ରହିଛି। ସେଥିମଧ୍ୟରୁ ଯାଜପୁର ଜିଲାରେ ପାଣିକୋଇଲି ଓ ଶ୍ରୀରାମପୁରରେ ୨ଟି ଟୋଲପ୍ଲାଜା କାର୍ଯ୍ୟ କରୁଛି। କେବଳ ୧୬ ନମ୍ବର ଏନ୍‌ଏଚ୍‌ରେ ୫୨କି.ମି. ମଧ୍ୟରେ ପାଣିକୋଇଲି ଓ ମଙ୍ଗୁଳି ଟୋଲପ୍ଲାଜାରୁ ଦୈନିକ ଲକ୍ଷାଧିକ ଟଙ୍କା ଟୋଲ ଫି' ଆଦାୟ ଚାଲିଛି । ଭୁବନେଶ୍ୱରଠାରୁ ଯାଜପୁର ଜିଲାଦେଇ ପ୍ରସିଦ୍ଧ ଘଟଗାଁ ତାରିଣୀ ମନ୍ଦିରକୁ ଗଲେ ମଙ୍ଗୁଳି, ପାଣିକୋଇଲି ଓ ଆନନ୍ଦପୁର ନିକଟସ୍ଥ ୩ଟି ଟୋଲ୍‌ପ୍ଲାଜା ଅତିକ୍ରମ କରିବାକୁ ପଡୁଛି। ତେଣୁ ଏନ୍‌ଏଚ୍‌ଏଆଇ ପକ୍ଷରୁ ମଙ୍ଗୁଳି ଟୋଲ୍‌ପ୍ଲାଜକୁ ବନ୍ଧାଲୋ, ପାଣିକୋଇଲି ଟୋଲ୍‌ପ୍ଲାଜାକୁ ଭଦ୍ରକ ଜିଲା ଆଖୁଆପଦା ଏବଂ ଶ୍ରୀରାମପୁର ଟୋଲ୍‌ପ୍ଲାଜାକୁ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇକୁ ସ୍ଥାନାନ୍ତରଣ କରିବାକୁ ୨୦୧୬ ଜୁଲାଇରେ ନିଷ୍ପତ୍ତି ହୋଇଥିଲା। ଏହି ତିନି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ପରିବହନ କମିଶନର ତାଙ୍କ ପତ୍ରସଂଖ୍ୟା ୧୧୦୬୩/୧୯।୭।୨୦୧୬ରେ ପୂର୍ତ୍ତ ସଚିବଙ୍କୁ ପତ୍ର ଲେଖିଥିଲେ। ହେଲେ ପତ୍ର ଦେବାର ପ୍ରାୟ ୩ବର୍ଷ ଅତିକ୍ରାନ୍ତ ହେବାକୁ ବସିଥିଲେ ହେଁ କୌଣସି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରି ନାହିଁ। ଜିଲାର କେତେକ ପ୍ରଭାବଶାଳୀଙ୍କ ଛତ୍ରଛାୟା ତଳେ ରହି ଏହି ବେଆଇନ ଟୋଲ ପ୍ଲାଜାରୁ ମାସିକ କୋଟି କୋଟି ଟଙ୍କା ଆଦାୟ ହେଉଛି। ଏପରି କି ବିଭିନ୍ନ ସମୟରେ ଟୋଲପ୍ଲାଜାରେ ଅଧିକ ଜାମ ରହୁଥିବାରୁ ଲୋକେ ନିଜ ଗନ୍ତବ୍ୟସ୍ଥଳକୁ ଠିକ ସମୟରେ ପହଞ୍ଚି ପାରୁ ନ ଥିବା ଅଭିଯୋଗ ଉଠୁଛି। ପାଣିକୋଇଲି ଟୋଲପ୍ଲାଜା ଭଦ୍ରକ ଜିଲା ଆଖୁଆପଦାକୁ ସ୍ଥାନାନ୍ତରଣ ହେଲେ କେନ୍ଦୁଝର ଓ ସୁକିନ୍ଦା ଖଣି ଏବଂ କଳିଙ୍ଗନଗର ଶିଳ୍ପାଞ୍ଚଳରୁ ଆସୁଥିବା ଗାଡିଗୁଡିକରୁ ଟୋଲ ଆଦାୟ ବଞ୍ଚିତ ହେବାର ଆଶଙ୍କା ରହିଛି। ତେଣୁ ପାଣିକୋଇଲି ଟୋଲ୍‌ପ୍ଲାଜା ଦାୟିତ୍ୱ ନେଇଥିବା ଠିକାସଂସ୍ଥା କିଛି ସ୍ଥାନୀୟ ରାଜନେତା ଓ ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କୁ ମାସିକ ଲକ୍ଷାଧିକ ଟଙ୍କା ଚାନ୍ଦା ଦେଇ ବେଆଇନ ଭାବେ ଟୋଲପ୍ଲାଜା ଚଳାଇଥିବା ଅଭିଯୋଗ ହୋଇଛି। ଏନ୍‌ଏଚ୍‌ଏଆଇର ଗାଇଡଲାଇନ ଅନୁଯାୟୀ ଗୋଟିଏ ଟୋଲ୍‌ଗେଟରୁ ଅନ୍ୟ ଟୋଲ୍‌ଗେଟର ଦୂରତା ଅତିକମ୍‌ରେ ୬୦ କିଲୋମିଟର ହେବା ଆବଶ୍ୟକ। ଏହିସବୁ ଗାଇଡଲାଇନକୁ ପାଣିକୋଇଲି, ଶ୍ରୀରାମପୁର ଓ ମଙ୍ଗୁଳି ଟୋଲପ୍ଲାଜା ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରୁଛି। ଏ ସଂକ୍ରାନ୍ତରେ ବାଲେଶ୍ୱର ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ନାଗେଶ୍ୱର ରାଓଙ୍କୁ ପଚାରିବାରୁ ସେ କହିଛନ୍ତି ୬ଲେନ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଆଉ ପ୍ରାୟ ଦେଢ ବର୍ଷ ଲାଗିଯିବ। ତେବେ ପାଣିକୋଇଲି ଟୋଲପ୍ଲାଜା ସ୍ଥାନାନ୍ତରଣ କରିବାକୁ ଆଖୁଆପଦାରେ ଜମି ଅଧିଗ୍ରହଣ ଚାଲିଛି। ଏଥିପାଇଁ ବିଜ୍ଞପ୍ତି(ନୋଟିଫିକେଶନ) ମଧ୍ୟ ପ୍ରକାଶ ପାଇସାରିଛି ବୋଲି ସେ କହିଛନ୍ତି। ତେବେ ୨୦୧୮ ନଭେମ୍ବର ମାସରେ ୬ ଲେନ ସଂପ୍ରସାରଣ କାର୍ଯ୍ୟ ଆରମ୍ଭ ହେଲେ ପାଣିକୋଇଲି ଟୋଲ୍‌ପ୍ଲାଜା ସ୍ଥାନାନ୍ତରଣ ହେବ ବୋଲି ନିର୍ଦ୍ଦେଶକ ରାଓ କହିଥିଲେ। ଏବେ ସଂପ୍ରସାରଣ କାର୍ଯ୍ୟ ସରିଲେ ଯାଇ ସ୍ଥାନାନ୍ତରଣ ହେବ ବୋଲି କହିବା କେତେ ଯୁକ୍ତିଯୁକ୍ତ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଫନୀ ବିପନ୍ନଙ୍କୁ ପ୍ରଥମ ଦଫାରେ ରିଲିଫ୍ ବଣ୍ଟନ

**ଧର୍ମଶାଳା,୮।୫(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅଞ୍ଚଳରେ ଫନୀ ପ୍ରଭାବରେ ୪୫ଟି ପଞ୍ଚାୟତର ୨ଲକ୍ଷ ୬୬ହଜାର ୫୬୯ ଜଣ କ୍ଷତିଗ୍ରସ୍ତ ହୋଇଛନ୍ତି । କ୍ଷତିଗ୍ରସ୍ତଙ୍କୁ ବୁଧବାର ପ୍ରଥମ ଦଫାରେ ମହିଶରା, ଗଡ଼ମଧୁପୁର, ତରଞ୍ଜିଆ, ସୁନ୍ଦରିଆ, କୁମାରୀ, ଥାନୁଆଳ, କ୍ଷେତ୍ରପାଳ, ହରିଦାସପୁର, କଣ୍ଟିଗାଡି, ଅରାବଳ, ଅଣ୍ଡିଆ ପ୍ରଭୃତି ପଞ୍ଚାୟତର ୬ହଜାର ଲୋକଙ୍କୁ ୧୬ଶହ କୁଇଣ୍ଟାଲ ଚାଉଳ ବଣ୍ଟନ କରାଯାଇଛି। ଗୁରୁବାର ଓ ଶୁକ୍ରବାର ଅବଶିଷ୍ଟ ୩୪ଟି ପଞ୍ଚାୟତର ଫନୀ ବିପନ୍ନଙ୍କୁ ରିଲିଫ୍ ଚାଉଳ ଯୋଗାଇ ଦିଆଯିବ ବୋଲି ବିଡିଓ ହେମନ୍ତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ରିଲିଫ୍ ଚାଉଳ ବଣ୍ଟନ ନେଇ କେତେକ ସ୍ଥାନରେ ଅବ୍ୟବସ୍ଥା ସୃଷ୍ଟି ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ବାତ୍ୟା ବିପନ୍ନ ବୟସ୍କଙ୍କୁ ୧ କିଲୋ ଓ ପିଲାଙ୍କୁ ୫୦୦ ଗ୍ରାମ ଚାଉଳ ରିଲିଫ୍ ୩ଦିନ ପାଇଁ ମୋଟ ୬୪୨୧ କୁଇଣ୍ଟାଲ ୫୭ କେଜି ଚାଉଳ ରିଲିଫ୍ ଆକାରରେ ପ୍ରଦାନ କରାଯିବା ନେଇ ବିଡିଓ ଓ ରିଲିଫ୍ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ଦେଓ ସୂଚନା ଦେଇଥିଲେ।

# ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ

**ଯାଜପୁର ଅଫିସ,୮।୫**

ଜିଲା ରେଡକ୍ରସ ସୋସାଇଟି ପକ୍ଷରୁ ବୁଧବାର ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଛି। ଏଥିରେ ଜିଲାପାଳ ରଞ୍ଜନ କୁମାର ଦାସ ଅଧକ୍ଷତା କରି ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟ ଓ ଅନ୍ୟ ୪ ଜଣ ଯଥା ଗୁସ୍ତାଭେ ମୈନିୟର, ଲୁଇସ ଆପିୟା, ଗୁଇ ଲାଉମେ, ହେନେରୀ ଡୁଫର ଓ ଥିଓଡାର ମାଉନୟର ଆରମ୍ଭ କରିଥିବା ଏହି ସର୍ବଶ୍ରେଷ୍ଠ ମାନବବାଦୀ ସଂସ୍ଥା ଉପରେ ଆଲୋକପାତ କରିଥିଲେ। ସେବା, ସାହାଯ୍ୟ ଓ ପରୋପକାର ରେଡକ୍ରସର ମୂଳ ମନ୍ତ୍ର ବୋଲି ଜିଲାପାଳ କହିଥିଲେ। ଯାଜପୁର ଜିଲାରେ ରେଡକ୍ରସର ମାତ୍ର ୩୦୦ଜଣ ଆଜୀବନ ସଦସ୍ୟ ରହିଛନ୍ତି। ଏହାକୁ ବଢାଇବାର ସମୟ ଆସିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଓ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ପ୍ରମୁଖ ଯୋଗଦେଇ ରେଡକ୍ରସ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜିଲା ରେଡକ୍ରସ ସଂସ୍ଥାର ସମ୍ପାଦକ କୁଳମଣି ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ରେଡକ୍ରସ ପାଣ୍ଠିର ଆୟବ୍ୟୟ ଉପରେ ବିବରଣୀ ରଖିଥିଲେ। ୧।୪।୨୦୧୮ ତାରିଖ ଠାରୁ ୩୧।୩।୨୦୧୯ ତାରିଖ ପର୍ଯ୍ୟନ୍ତ ୪୭ ଗୋଟି ବିଭାଗ ଓ ସଂସ୍ଥା ଠାରୁ ମୋଟ ୭୯,୯୭,୦୦୧ ଟଙ୍କା ସଂଗ୍ରହ ହୋଇଥିବାବେଳେ ବିଭିନ୍ନ କ୍ଷେତ୍ରରେ ୮୬,୧୧,୮୩୯ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ନାୟକ ସୂଚନା ଦେଇଥିଲେ। ଜିଲା ଯୁବ ରେଡକ୍ରସର ସଂଯୋଜକ ଦେବୀପ୍ରସାଦ ସାହୁ ଯୁବ ରେଡକ୍ରସ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିବାବେଳେ ସଦସ୍ୟ ତାରିଣୀ ପଟ୍ଟନାୟକ ରେଡକ୍ରସର ଅନୁଭୂତି ବର୍ଣ୍ଣନା କରିଥିଲେ। ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଡକ୍ରସ ସଂଘର ସଦସ୍ୟ, କାର୍ଯ୍ୟକାରୀଣୀ ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଯୁବ ରେଡକ୍ରସ ସଂଯୋଜକ ଓ ସଦସ୍ୟମାନେ ଯୋଗ ଦେଇଥିଲେ।

## ବାତ୍ୟା ବିପନ୍ନଙ୍କୁ ଆର୍ଥିକ ସହଯୋଗ




ଜିଲାପାଳଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

**ଯାଜପୁର ଅଫିସ,୮।୫**

ଯାଜପୁର ଜିଲାରେ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ସହଯୋଗ ଓ ରିଲିଫରେ ସହାୟତା ନିମନ୍ତେ ବୁଧବାର ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ଦଶ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏହି ସହାୟତା ରାଶି ବାତ୍ୟା ବିପନ୍ନଙ୍କୁ କିଛି ମାତ୍ରାରେ ସହଯୋଗ କରିପାରିବ ବୋଲି ସଂସ୍ଥାର ଅଧକ୍ଷ ସୂର୍ଯ୍ୟକାନ୍ତ ସେଠୀ ଓ କେନ୍ଦ୍ର ତତ୍ତ୍ୱାବଧାରକ ସୌମ୍ୟରଞ୍ଜନ ପତି କହିଛନ୍ତି। ବିପନ୍ନଙ୍କ ମୁହଁରେ ହସ ଫୁଟାଇବା ଏକ ମହତ୍ କାର୍ଯ୍ୟ । କେବଳ ସରକାରୀ ସହାୟତା ନୁହେଁ ସାଂଗଠନିକ ଓ ବ୍ୟକ୍ତିଗତସ୍ତରରେ ଯେ କେହି ସହଯୋଗ ଦେଇପାରିବେ ବୋଲି ଜିଲାପାଳ ଦାସ କହିଛନ୍ତି।

### ବୁରୁସାହିରେ ପହଞ୍ଚିଲା ଜିଲା ଶିଶୁ ସୁରକ୍ଷା କମିଟି

**ଧର୍ମଶାଳା,୮।୫(ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ଅନ୍ତର୍ଗତ ଅଞ୍ଜିରା ଗ୍ରାମ ପଞ୍ଚାୟତ ଅଧୀନ ବୁରୁସାହିରେ ଆଦିବାସୀଙ୍କ ଦୁରବସ୍ଥା ସମ୍ବନ୍ଧରେ ଅତିରିକ୍ତ ଜିଲାପାଳ ମିହିର କୁମାର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଶିଶୁସୁରକ୍ଷା ଅଧିକାରୀ ତଦନ୍ତ କରିଛନ୍ତି। ଶିଶୁସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ନେତୃତ୍ୱରେ ଏକ ୫ ଜଣିଆ କମିଟି ତଦନ୍ତରେ ସାମିଲ ହୋଇଥିଲେ। ଗ୍ରାମବାସି ଓ ସଚେତନ ନାଗରିକ ମଞ୍ଚର ସଦସ୍ୟଙ୍କ ଉପସ୍ଥିତିରେ ଅଧିକାରୀମାନେ ଶିଶୁଙ୍କ ଏକ ସବିଶେଷ ତଥ୍ୟ ଦେବାକୁ ଅଙ୍ଗନୱାଡି କର୍ମୀ ବ୍ରଜେଶ୍ୱରୀ ନାୟକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ମାନସ ରଞ୍ଜନ ସ୍ୱାଇଁ ତାଙ୍କ ସହଯୋଗୀଙ୍କ ସହ ସେଠାରେ ପହଞ୍ଚି ୨୦ରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ରୋଗ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରିଥିଲେ। ଗୁରୁବାର ଏକ ମେଗା କ୍ୟାମ୍ପ କରି ସମସ୍ତ ଶିଶୁଙ୍କ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଶିଶୁ ମଙ୍ଗଳ କମିଟିର ସଦସ୍ୟ ସୁବାସ ଚନ୍ଦ୍ର ଦେବାତା, ଜିଲା ଶିଶୁ ସୁରକ୍ଷା କର୍ମଚାରୀ ପଦ୍ମ ଚରଣ ସାମନ୍ତ ରାୟ, ମିହିର କୁମାର ଜେନା, ସୁପରଭାଇଜର ବ୍ରଜେଶ୍ୱରୀ ନାୟକ, ଏଏନ୍‌ଏମ୍ ମଞ୍ଜୁଲତା ନାୟକ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ଏହି ଗ୍ରାମଗୁଡିକରେ ଶିଶୁମାନେ କିପରି ସୁରକ୍ଷିତ ଓ ଶିକ୍ଷିତ ହୋଇପାରିବେ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ପ୍ରକାଶ ଯେ, ବୁରୁସାହିରେ ଆଦିବାସୀଙ୍କ ଦୁରାବସ୍ଥା ସମ୍ବନ୍ଧରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା।

## ଫନୀ ଯୋଗୁ ଥମିଯାଇଛି ନିର୍ବାଚନ ଫଳାଫଳ ଚର୍ଚ୍ଚା

**ଯାଜପୁର ଟାଉନ,୮।୫(ଡିଏନଏ)**

ଓଡ଼ିଶାରେ ନିର୍ବାଚନ ଶେଷ ହୋଇଥିବାବେଳେ ଆସନ୍ତା ୨୩ ତାରିଖ ଫଳାଫଳ ପ୍ରକାଶ ପାଇବ। ଯାଜପୁର ଜିଲାରେ ଗତ ୨୯ତାରିଖ ନିର୍ବାଚନ ଶେଷ ହୋଇଥିବାବେଳେ ଏହାର ୨/୩ ଦିନ ହାରଜିତ୍‌କୁ ନେଇ ଛକ ବଜାରରେ ବହୁଚର୍ଚ୍ଚା ହେଉଥିଲା। ମାତ୍ର ୩ ତାରିଖରେ ବାତ୍ୟା ଫନୀ ଆସିବା ପରେ ଏହି ଚର୍ଚ୍ଚା ସମ୍ପୂର୍ଣ୍ଣ ଥମିଯାଇଥିବା ଦେଖିବାକୁ ମିଳିଛି। ଲୋକଙ୍କ ମୁହଁରେ କେବଳ ବାତ୍ୟା ସମ୍ପର୍କିତ ଖବର ଶୁଣିବାକୁ ମିଳୁଛି। ଏହି ସମୟରେ ବିଭିନ୍ନ ସ୍ଥାନରେ ନିର୍ବାଚନ ଫଳାଫଳକୁ ନେଇ ଚର୍ଚ୍ଚା ହେବାକୁ ଥିବାବେଳେ ଲୋକଙ୍କ ମନରୁ ଫନୀ ତାହା ଉଡାଇ ନେଇଥିବା ଆଲୋଚନା ହେଉଛି। ଏହି ଜିଲାରେ ଫନୀର ପ୍ରଭାବ ବିଶେଷ ପରିଲକ୍ଷିତ ହୋଇ ନ ଥିଲେ ମଧ୍ୟ ପୁରୀ, ଭୁବନେଶ୍ୱର, କଟକରେ ଥିବା ସମ୍ପର୍କୀୟଙ୍କ ଯୋଗୁ ଚିନ୍ତା ଲାଗି ରହିଥିବା ଦେଖିବାକୁ ମିଳିଛି।

### ୧.୮୮ଲକ୍ଷ ଲୋକଙ୍କୁ ମିଳିବ ରିଲିଫ

**ବିଞ୍ଝାରପୁର, ୮।୫(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକରେ ଫନୀ ବାତ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତେଣୁ ବାତ୍ୟା ପ୍ରଭାବିତ ଲୋକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ୩ଦିନ ପାଇଁ ରିଲିଫ ବାବଦରେ ଚାଉଳ ବଣ୍ଟନ କରାଯିବ ବୋଲି ଭାରପ୍ରାପ୍ତ ବିଡିଓ ମୀନତି ଜଗଦେବ ସୂଚନା ଦେଇଛନ୍ତି। ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଥିବା ପରିବାରବର୍ଗଙ୍କୁ ଏହି ଚାଉଳ ପ୍ରଦାନ କରାଯିବ। ମୋଟ ୧ ଲକ୍ଷ ୮୮ହଜାର ୭ଶହ ୨୩ ଜଣଙ୍କୁ ଏହି ଚାଉଳ ଦିଆଯିବ। ବଡ ଲୋକଙ୍କୁ ୧ କି.ଗ୍ରା ଓ ୧୧ ବର୍ଷରୁ କମ୍ ପିଲାଙ୍କୁ ଦିନକୁ ୫୦୦ ଗ୍ରାମ ଚାଉଳ ଦିଆଯିବ ବୋଲି ଏମ୍ଆଇ ସୁଭାଙ୍ଗୀ ରାଏ ସୂଚନା ଦେଇଛନ୍ତି।

■ ବାରମ୍ବାର ହେଉଛି ବିଦ୍ୟୁତ୍‌କାଟ୍

## ପୋଡ଼ିଯାଉଛି ବୈଦ୍ୟୁତିକ ଯନ୍ତ୍ରପାତି

**ଯାଜପୁର ଟାଉନ,୮।୫(ଡିଏନଏ)**

ଯାଜପୁର ସହରରେ ବାତ୍ୟା ପରେ ବିଦ୍ୟୁତ ଖୁଣ୍ଟ ମରାମତି କରାଯାଇ ସଂଯୋଗ ଦିଆଯାଇଛି। ମାତ୍ର ବିଦ୍ୟୁତ ଦିନକୁ ୨ ମିନିଟ୍ ରହିଲେ ୧୦ ମିନିଟ୍‌କଟୁଥିବା ଦେଖାଯାଇଛି। ଏହିସହରରେ ଦିନକୁ ୫୦ ରୁ ୬୦ ଥର ବିଜୁଳି କାଟ ହେଉଥିବାବେଳେ ସାଧାରଣ ଲୋକେ ଅତିଷ୍ଠ ହୋଇଗଲେଣି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଅଳ୍ପ ବ୍ୟବଧାନରେ କରେଣ୍ଟ ଯିବା ଆସିବା ଯୋଗୁ ଅଧିକାଂଶ ସ୍ଥାନରେ ବୈଦ୍ୟୁତିକ ଯନ୍ତ୍ରପାତି ପୋଡି ଯାଉଥିବା ଅଭିଯୋଗ ହେଉଛି। ପ୍ରତିବର୍ଷ ଗ୍ରୀଷ୍ମ ସମୟରେ ଏଭଳି ସମସ୍ୟା ଅଧିକ ଦେଖାଯାଉଥିବା ବେଳେ ଶୀତ ଓ ବର୍ଷା ଦିନେ ଟିକେ କମ୍ ହୋଇଥାଏ। ମାତ୍ର ବିଜୁଳି କାଟ ବା ବିଦ୍ୟୁତ ବିଭ୍ରାଟ ଥମିବାର ନା ନେଉନାହିଁ। ୫୦ କି.ମି. ବେଗରେ ପବନ ବହିଲେ ବିଦ୍ୟୁତ ପ୍ରବାହିତ ବନ୍ଦ ହେବା କଥା। କିନ୍ତୁ ଆକାଶ ମେଘାଛନ୍ନ ହେବାମାତ୍ରେ ବିଦ୍ୟୁତ କାଟି ଦିଆଯାଉଛି। କହିବାକୁ ଗଲେ ଗ୍ରୀଷ୍ମଦିନେ ୨୦ଦିନ ସମ୍ପୂର୍ଣ୍ଣ ଭାବେ କରେଣ୍ଟ ଦେଇ ୧ ମାସର ଦେୟ ନେଇଯାଉଛି ବିଦ୍ୟୁତ ବିଭାଗ। ଏଣେ ବିଦ୍ୟୁତ ବିତରଣ ଓ ପରିଚାଳନା ଦାୟିତ୍ୱରେ ଥିବା ନେସ୍କୋ ଅଧିକାରୀଙ୍କୁ ପଚାରିଲେ, ବିଦ୍ୟୁତ ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏମିତି ସମସ୍ୟା ଉପୁଜୁଛି ବୋଲି କହିଛନ୍ତି।

## ଜୟଦେବଙ୍କ ରଚିତ ଗୀତଗୋବିନ୍ଦ କାଳଜୟୀ

**ଯାଜପୁର ଅଫିସ,୮।୫**




ଜିଲାସ୍ତରୀୟ କବି ଜୟଦେବ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ଜୟଦେବଙ୍କ ରଚିତ ଗୀତଗୋବିନ୍ଦ କାଳଜୟୀ। ସ୍ୱୟଂ ଜଗନ୍ନାଥଙ୍କ ଯାହା ଅତିପ୍ରିୟ ତାହା ଅତୁଳନୀୟ। ଯାଜପୁର ଜିଲାସ୍ତରୀୟ କବି ଜୟଦେବ ଜୟନ୍ତୀ ପାଳନ ଅବସରରେ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ସ୍ୱର ଓ ସ୍ୱାକ୍ଷର ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀହରି ଧଳ ସଭାପତିତ୍ୱ କରିଥିଲେ। ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଉଦ୍‌ଘାଟନ କରିଥିଲେ। ନାଟ୍ୟକାର ପ୍ରଫେସର ରାଧାରମଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୟଦେବ ଜଣେ ଯୋଗଜନ୍ମା ବୋଲି ଅଭିହିତ କରିଥିଲେ । ସାହିତ୍ୟିକ ସୂର୍ଯ୍ୟମଣି ଖୁଣ୍ଟିଆ ମୁଖ୍ୟବକ୍ତା ଭାବେ ଜୟଦେବଙ୍କ ଜୀବନୀ, ରଚନାର ଅଲୌକିକତା ସମ୍ପର୍କରେ ବିଷଦ ସୂଚନା ଦେଇ ଓଡିଶା ସେଭଳି ଜଣେ ବିରଳ ମହାକବିଙ୍କୁ ପାଇ ଧନ୍ୟ ବୋଲି କହିଥିଲେ। ଜିଲା ଲେଖକ ସମ୍ମେଳନର ସଭାପତି ରୁଦ୍ର ନାରାୟଣ ଦୃଷ୍ଟି ଜୟଦେବଙ୍କ ଜନ୍ମ, ତାଙ୍କର କୃତି ଅତୀବ ମହାନ ବୋଲି କହିବା ସହ ସମଗ୍ର ଓଡିଶାରେ ଗୀତ ଗୋବିନ୍ଦ ଓ ଜୟଦେବ ଏକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି କହିଥିଲେ। ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା ଓ ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ ଜୟଦେବଙ୍କ ରଚନା, ଆଧ୍ୟାତ୍ମିକତା ଓ ଅକ୍ଷୟ ତୃତୀୟା ଦିବସର ମହନୀୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଂପାଦକ ନାରାୟଣଚନ୍ଦ୍ର ଦାସ ଅତିଥି ପରିଚୟ, ରମେଶଚନ୍ଦ୍ର ବିଶ୍ୱାଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ପ୍ରାରମ୍ଭରେ ସ୍ନେହାସିନୀ ନାୟକ ଜୟଦେବଙ୍କ ରଚିତ ଦଶାବତାର ନୃତ୍ୟ ପରିବେଷଣ କରିଥିଲେ ଓ ଆଲିଶା ପ୍ରିୟଦର୍ଶିନୀ ସାହୁ ଓ ମୋନାଲିସା ଓଝା ଗୀତଗୋବିନ୍ଦ ଗାନ କରିଥିଲେ। ପରେ କବି ରାମଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହାକୁ ବ୍ୟଙ୍ଗ କବି ଅଖିଳ ମୋହନ ଦାଶ ଓ ଲାବଣ୍ୟ ନାୟକ ସଂଯୋଜନା କରିଥିଲେ।

■ ଟାଟା ଷ୍ଟିଲ କଳିଙ୍ଗନଗର କାରଖାନା

# ଓଡ଼ିଶା ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତି ଅଭିଯାନ ଆରମ୍ଭ

**ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ୍.ଏ), ୮।୫**

**ବରିଷ୍ଠ ଅଧିକାରୀ ନିଯୁକ୍ତିରେ ଓଡ଼ିଆଙ୍କୁ ଉପେକ୍ଷା**

କଳିଙ୍ଗନଗର ଟାଟା ଷ୍ଟିଲରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଉଛି। ବାହାର ରାଜ୍ୟର ବୈଷୟିକ ଡିଗ୍ରୀଧାରୀ ବ୍ୟକ୍ତିଙ୍କୁ ଅଧିକ ସୁଯୋଗ ଦେଇ ସେମାନଙ୍କୁ ବରିଷ୍ଠ ଅଧିକାରୀ ଭାବେ ଅଧିଷ୍ଠିତ କରି ଅଧିକ ଦରମା ପ୍ରଦାନ କରାଯାଉଛି। ବିଡ଼ମ୍ବନା ଯେ, ପ୍ରାୟ ୯୦ପ୍ରତିଶତ ଅଣଓଡ଼ିଆ ଏହି ଟାଟା ଷ୍ଟିଲରେ ବରିଷ୍ଠ ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ନିଯୁକ୍ତି କେବଳ ଶ୍ରମିକ ଶ୍ରେଣୀରେ ଶତ ପ୍ରତିଶତ ରହିଛି। ଏହି ମର୍ମରେ ଧରିତ୍ରୀରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇବା ପରେ ଟାଟା ଷ୍ଟିଲ ଏହାର କଳିଙ୍ଗନଗର କାରଖାନା ପାଇଁ ସ୍ୱତନ୍ତ୍ର ଭାବେ ଓଡ଼ିଶା ରାଜ୍ୟରେ ବସବାସ କରୁଥିବା ପ୍ରାର୍ଥୀଙ୍କ ଠାରୁ ଟ୍ରେଡ୍ ଆପ୍ରେନ୍‌ଟିସ୍ ଆବେଦନ ଆହ୍ୱାନ କରିଛି। ନିଯୁକ୍ତି ଉପରେ ଦେଖାଶୁଣା କରୁଥିବା ଟାଟା ଷ୍ଟିଲ୍‌ର କାପାବିଲିଟି ଡେଭଲପମେଣ୍ଟ ବିଭାଗ (ଦକ୍ଷତା ବିକାଶ ବିଭାଗ) ତରଫରୁ ମାଟ୍ରିକ ଏବଂ ଆଇଟିଆଇ ପାସ୍ କରିଥିବା ପ୍ରାର୍ଥୀଙ୍କଠାରୁ www.tatasteel.com/careersରେ ଥିବା କଣ୍ଟେଣ୍ଟ ଓପନିଂ ପେଜ୍‌ରେ ଥିବା ଆପ୍ଲାଏ ଫର ଜବ୍‌ସ/ଇଣ୍ଟର୍ନସିପ୍‌ରେ ଅନ୍‌ଲାଇନ ୨୦୧୯ ମେ ୧୩ ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯାଉଛି। ବିକଳ୍ପ ଲିଙ୍କ http:203.197.12.30/recruit/Applist.aspxରେ ଆବେଦନ କରି ପାରିବେ । ଶିକ୍ଷାଗତ ଯୋଗ୍ୟତା ଏବଂ ଅନ୍ୟାନ୍ୟ ଯୋଗ୍ୟତାର ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍‌ରେ ପ୍ରଦାନ କରାଯାଇଛି। ଯେଉଁ ପ୍ରାର୍ଥୀମାନଙ୍କ ଆବେଦନ ଗ୍ରହଣୀୟ ହେବ ସେମାନଙ୍କୁ ୨୦୧୯ର ଜୁନ୍ ୮-୧୫ ତାରିଖ ମଧ୍ୟରେ ଏକ ଅନଲାଇନ୍ ଲିଖିତ ପରୀକ୍ଷା ଦେବାକୁ ପଡ଼ିବ ଏବଂ ଏହା ପରେ ବ୍ୟକ୍ତିଗତ ସାକ୍ଷାତକାର ଓ ମେଡିକାଲ୍ ପରୀକ୍ଷା ହେବ। ପ୍ରାର୍ଥୀମାନଙ୍କ ଲିଖିତ ପରୀକ୍ଷା ଏବଂ ସାକ୍ଷାତକାର ପ୍ରଦର୍ଶନ ବା ମେରିଟ ଅନୁସାରେ ସେମାନଙ୍କୁ ଟ୍ରେଡ୍ ଆବଣ୍ଟନ କରାଯିବ। ନିଯୁକ୍ତି ପାଇବାକୁ ଥିବା ପ୍ରାର୍ଥୀମାନଙ୍କୁ ଆପ୍ରେନ୍‌ଟିସ୍ ନିୟମ ଅନୁଯାୟୀ ତାଲିମ ଅବଧି ସମୟରେ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ ଏବଂ ତାଲିମ ଅବଧି ସମୟରେ, ଯଦି ଉପଲବ୍ଧ ଥିବ ତେବେ ସେମାନଙ୍କୁ ମାଗଣାରେ ହଷ୍ଟେଲ ରହଣୀ ସୁବିଧା ପ୍ରଦାନ କରାଯିବ। ତାଲିମ ଅବଧି ୧ କିମ୍ବା ୨ ବର୍ଷ ରହିବ। ସଫଳତାର ସହ ତାଲିମ ଶେଷ ହେବା ଏବଂ ସର୍ବଭାରତୀୟ ଟ୍ରେଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ପ୍ରାର୍ଥୀଙ୍କୁ ଜାତୀୟ ଟ୍ରେଡ୍ ସାର୍ଟିଫିକେଟ୍ ବା ନ୍ୟାଶନାଲ୍ ଟ୍ରେଡ୍ ସାର୍ଟିଫିକେଟ୍ ପ୍ରଦାନ କରାଯିବ ବୋଲି ଟାଟା ଷ୍ଟିଲ କର୍ପୋରେଟ କମ୍ୟୁନିକେଶନର ମୁଖ୍ୟ କୁଲଭିନ ସୁରୀ ସୂଚନା ଦେଇଛନ୍ତି। ତେବେ ବରିଷ୍ଠ ଅଧିକାରୀ ନିଯୁକ୍ତି କ୍ଷେତ୍ରରେ ଏପର୍ଯ୍ୟନ୍ତ କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୯ ମେ, ୨୦୧୯



# ବଢ଼ିଚାଲିଛି ବାତ୍ୟା ପରବର୍ତ୍ତୀ ଦୁର୍ଦ୍ଦଶା

**ଜଗତ୍‌ସିଂହପୁର ଅଫିସ, ୮।୫**

- ବିଦ୍ୟୁତ୍ ଓ ପାନୀୟଜଳ ମୁଖ୍ୟ ସମସ୍ୟା
- ସ୍ଥିତି ସ୍ୱାଭାବିକ ହେବାରେ ବିଳମ୍ବ
- ବିଦ୍ୟୁତ୍ ପାଇଁ ଉତ୍କୋଚ ମଗାଯାଉଥିବା ଅଭିଯୋଗ

ଫନୀ ପ୍ରଭାବରେ ଜଗତ୍‌ସିଂହପୁର ଜିଲାରେ ଲୋକେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। ବିଦ୍ୟୁତ୍, ପାନୀୟଜଳ, ଖାଦ୍ୟ ଆଦି ପାଇଁ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ସ୍ଥିତି ସ୍ୱାଭାବିକ ହେବାରେ ବହୁ ବିଳମ୍ବ ହେବ ବୋଲି କୁହାଯାଉଛି। ପ୍ରକାଶ ଯେ, ବାତ୍ୟା ପୂର୍ବରୁ ଓ ପରେ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଇଥିଲା। ଜିଲାର ବିଭିନ୍ନ ସ୍ଥାନରେ ଚାଉଳ, କିରୋସିନ ଆଦି ମହଜୁଦ ଥିବାବେଳେ ବାତ୍ୟା ଆଶ୍ରୟସ୍ଥଳୀ, ଶିକ୍ଷାନୁଷ୍ଠାନ ଓ ଅନ୍ୟ ସ୍ଥାନ ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଥିଲା। ବାତ୍ୟା ପୂର୍ବ ଦିନ ଏବଂ ବାତ୍ୟା ଦିନ ସକାଳ ୮ଟା ଭିତରେ ଆଶ୍ରୟସ୍ଥଳୀକୁ ଚାଲିଯିବା ପାଇଁ କୁହାଯାଇଥିଲା। ବାସ୍ତବରେ କିନ୍ତୁ ସରକାରୀଭାବେ ଦର୍ଶାଯାଉଥିବା ଆଶ୍ରୟସ୍ଥଳୀଗୁଡ଼ିକ ମଧ୍ୟରୁ ଅଧିକାଂଶରେ କେହି ରହୁ ନ ଥିଲେ। ଯେଉଁ ସ୍ଥାନରେ ବିପନ୍ନ ଆଶ୍ରୟ ନେଇଥିଲେ ସେଠାରେ ସେମାନଙ୍କୁ ଖାଦ୍ୟ, ପାନୀୟ ଆଦି ଠିକ୍ ଭାବେ ଦିଆଯାଇ ନ ଥିବା ଅଭିଯୋଗ ହେଉଛି। ବାତ୍ୟା ଦିନ ସକାଳେ ଅଧିକାଂଶ ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ ତ ଦୂରର କଥା ଶୁଖିଲା ଖାଦ୍ୟ ମଧ୍ୟ ଦିଆଯାଇ ନ ଥିଲା। ବାତ୍ୟା ଅପରାହ୍ନ ୪ଟାରେ କମିଥିଲା। ସେତେବେଳ ଯାଏ ଅଧିକାଂଶ ଆଶ୍ରୟସ୍ଥଳୀରେ ଲୋକେ ଭୋକିଲା ଥିଲେ। କିନ୍ତୁ ସରକାରୀ ଭାବେ ସବୁକିଛି ଠିକ ଚାଲିଥିବା ଦର୍ଶାଯାଇଥିଲା। ବାତ୍ୟା ପରବର୍ତ୍ତୀ ଦୁର୍ଦ୍ଦଶା କଥା ନ କହିଲେ ଭଲ। ଶହ ଶହ ଗଛ ପଡ଼ି ରାସ୍ତାରେ ଗମନାଗମନ ବିଚ୍ଛିନ୍ନ ହୋଇପଡିଥିଲା। ଚାଳ, ଝାଟିମାଟି ଘର ବିଶେଷଭାବେ ପ୍ରଭାବିତ ହୋଇଥିଲା। କେତେକେ କୋଠାଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ମୁଗ, ପରିବା, ଧାନ ଆଦି ଉଜୁଡି ଯିବାରୁ ଚାଷୀ ମୁଣ୍ଡରେ ଚଡ଼କ ପଡିଛି। ବିଦ୍ୟୁତ ନ ଥିବାରୁ ଲୋକେ ଅନ୍ଧାରରେ ରହୁଛନ୍ତି। ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ବାତ୍ୟା ସମୟରେ ଯେଉଁମାନେ ଘରେ ରହିଥିଲେ ସେମାନଙ୍କୁ କିରୋସିନ ମିଳିଲା ନାହିଁ। ଏପରି କି ଅନେକ ସ୍ଥାନରେ ରାଶନକାର୍ଡ ହିତାଧିକାରୀଙ୍କୁ ମଧ୍ୟ ବାତ୍ୟା ଯିବାର ୩ ଦିନ ପର୍ଯ୍ୟନ୍ତ ସାମଗ୍ରୀ ଦିଆଯାଇ ନ ଥିଲା। ପ୍ରବଳ ଗ୍ରୀଷ୍ମରେ ଲୋକେ ଆଉଟୁପାଉଟୁ ହେଉଥିବା ବେଳେ ବିଦ୍ୟୁତ ସଂଯୋଗରେ ବିଳମ୍ବ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଏଭଳି ସ୍ଥିତିରେ ବିଦ୍ୟୁତ ସଂଯୋଗ ପାଇଁ ବିଭାଗୀୟ କର୍ମଚାରୀ ମୋଟା ଅଙ୍କର ଉତ୍କୋଚ ଦାବି କରୁଥିବା ଅଭିଯୋଗ ହେଉଛି। ଜିଲାରେ ବହୁ ସଂଖ୍ୟାରେ ବିଦ୍ୟୁତ ଖୁଣ୍ଟ, ତାର କ୍ଷତିଗ୍ରସ୍ତ ହୋଇଛି। କେତେକ ସ୍ଥାନରେ ଟ୍ରାନ୍ସଫର୍ମର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ନୂଆ ଖୁଣ୍ଟ, ତାର ଆଦି ସଂଯୋଗରେ ପାତରଅନ୍ତର କରାଯାଉଥିବା କୁହାଯାଉଛି। ଯେଉଁ ଗ୍ରାମବାସୀ କିମ୍ବା ୱାର୍ଡବାସୀ ଟଙ୍କା ଆଦାୟ କରି ଟ୍ରାକ୍ଟର ଆଦିରେ ଏସବୁ ପରିବହନଠାରୁ ଆରମ୍ଭ କରି ଖୋଳିବା, ପୋତିବା ଆଦି କାମ ନିଜେ କରୁଛନ୍ତି, ସେମାନଙ୍କ ଅଞ୍ଚଳରେ ବିଦ୍ୟୁତ କାମ ଆଗ ହେଉଛି। ତାହା ପୁଣି ସ୍ଥଳବିଶେଷ ଓ ଉତ୍କୋଚ ବଳରେ ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ କହିଛନ୍ତି, କୌଣସି ସ୍ଥାନରେ ବିଦ୍ୟୁତ ଖୁଣ୍ଟ, ତାର କିମ୍ବା ଆଉ କିଛି ସମସ୍ୟା ଥିଲେ ବିଭାଗୀୟ କର୍ମଚାରୀ ମରାମତି ପାଇଁ ବ୍ୟବସ୍ଥା କରିଥାନ୍ତି। ନୂଆ ଖୁଣ୍ଟ, ତାର ଆବଶ୍ୟକ ହେଲେ ପରିବହନ ଖର୍ଚ୍ଚ, ଖୋଳା ଓ ପୋତା ଆଦି ପାଇଁ ଶ୍ରମିକ ଲାଗିଥିବା ଦର୍ଶାଯାଉଛି। ଏ ବାବଦ ଅର୍ଥ ବିଲ୍ ଆକାରରେ ଠିକାଦାରଙ୍କୁ ଦିଆଯାଉଛି। ବାସ୍ତବ କ୍ଷେତ୍ରରେ କିନ୍ତୁ ଠିକାଦାର ଏସବୁ କରୁନାହାନ୍ତି। ଯେହେତୁ ଲୋକେ ବିଦ୍ୟୁତ ସେବା ନ ପାଇ ଉହଳ ବିକଳ ହେଉଛନ୍ତି, ତେଣୁ ତାର ସୁଯୋଗ ନେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏହାର ଫାଇଦା ଉଠାଉଛନ୍ତି। ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ସେସୁ ନିର୍ବାହୀ ଯନ୍ତ୍ରୀ ଜଗଦିଶ ସାହୁ କହିଛନ୍ତି, ବିଦ୍ୟୁତ୍ ସଂଯୋଗ ପାଇଁ କେହି ଉତ୍କୋଚ ମାଗୁ ନାହାନ୍ତି। ଆମେ କିପରି ଶୀଘ୍ର ସମସ୍ତଙ୍କ ନିକଟରେ ବିଦ୍ୟୁତ୍ ପହଞ୍ଚାଇ ପାରିବୁ ସେଥିପାଇଁ ଉଦ୍ୟମ ଜାରି ରଖିଛୁ।


ବିଡିଓଙ୍କ ସହ ପୂର୍ବତନ ଏମ୍‌ପି ବିଭୁ ପ୍ରସାଦ ତରାଇ ଆଲୋଚନା କରୁଛନ୍ତି।

## ଫନୀ ପ୍ରଭାବିତଙ୍କୁ ତୁରନ୍ତ ସହାୟତା ପ୍ରଦାନ ଦାବି

**ତିର୍ତ୍ତୋଲ,୮।୫(ଡି.ଏନ.ଏ.)**

ଫନୀ ପ୍ରଭାବିତ ଲୋକମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ପୂର୍ବତନ ଏମ୍‌ପି ବିଭୂପ୍ରସାଦ ତରାଇ ଦାବି କରିଛନ୍ତି। ସେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ, ଜଗନ୍ନାଥପୁର ଆଦି ପଞ୍ଚାୟତର ପରିସ୍ଥିତି ଅନୁଧ୍ୟାନ କରିବା ସହ ବୁଧବାର ବିଡିଓ ରଞ୍ଜନ କୁମାର ପରିଡାଙ୍କୁ ଭେଟିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓଙ୍କ ସହ ଆଲୋଚନା କରିବା ସହ ବାତ୍ୟା ପ୍ରଭାବିତ ଅଞ୍ଚଳର ଲୋକଙ୍କଠାରୁ ପାଇଥିବା ଅଭିଯୋଗ ସମ୍ପର୍କରେ ବିଡିଓଙ୍କୁ କହିଥିଲେ। ଆଗାମୀ ଦିନରେ ଠିକ ଭାବେ ରିଲିଫ ବଣ୍ଟନ ସହ ପୁନଃ ନିର୍ମାଣ କାର୍ଯ୍ୟକ୍ରମରେ ନିରପେକ୍ଷତା ଅବଲମ୍ବନ କରିବାକୁ ସେ ଦାବି କରିଥିଲେ। ରିଲିଫ ଖାଦ୍ୟ ଓ ପଶୁଦାନା ପ୍ରଦାନରେ କେତେକ ପଞ୍ଚାୟତରେ ପାତରଅନ୍ତର କରାଯାଇଥିବା ସମ୍ପର୍କରେ ସେ ବିଡିଓଙ୍କୁ ଅବଗତ କରାଇଥିଲେ। ତାଙ୍କ ସହ ତିର୍ତ୍ତୋଲ ମଣ୍ଡଳ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟଲକ୍ଷ୍ମୀ ମହାନ୍ତି ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାତ୍ୟାରେ ବ୍ୟାପକ ଫସଲ ହାନୀ

**ତିର୍ତ୍ତୋଲ,୮।୫(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ ଫନୀ ପ୍ରଭାବରେ ବ୍ୟାପକ ଫସଲ ହାନୀ ହୋଇଛି। ମୁଗ, ବିରି ଆଦି ସମସ୍ତ ଡାଲି ଜାତୀୟ ରବି ଫସଲ ସମେତ ପରିବା ଫସଲ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହି ବ୍ଲକର କୋଲର, ସାମନ୍ତରାପୁର, ସଅଁରା, ବିରିଡୋଳ, କନକପୁର, ବୋଧେଇ, ପିପ୍ପଳମାଧବ ପଞ୍ଚାୟତ ସମେତ ଧୋୟା ଅଞ୍ଚଳର ଚାଷୀମାନେ ଫନୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି। ଅଧିକାଂଶ କ୍ଷେତରେ ମୁଗ, ବିରି ଆଦି ଅମଳ ହେବା ଅବସ୍ଥାରେ ରହିଥିଲା। କିନ୍ତୁ ବାତ୍ୟାଜନିତ ବର୍ଷାରେ ସେସବୁ ନଷ୍ଟ ହୋଇଯାଇଛି। ବାଇଗଣ, ଟମାଟୋ, ଭେଣ୍ଡି, ପୋଇ ଆଦି ପରିବା ବର୍ଷା ପବନ ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି। ଚାଷୀଙ୍କ ତରଫରୁ ଫସଲ ହାନୀ ସମ୍ପର୍କରେ ପ୍ରଶାସନ ନିକଟରେ ଅଭିଯୋଗ ହେବା ପରେ ଜିଲାପାଳ ଏହାର ସଠିକ ତଦନ୍ତ କରି ରିପୋର୍ଟ ଦେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୃଷି ବିଭାଗ, ରାଜସ୍ୱ ବିଭାଗ ଏବଂ ସମବାୟ ବିଭାଗ ତରଫରୁ ଏହି କ୍ଷୟକ୍ଷତିର ତଦନ୍ତ କରାଯାଉଥିବା ବ୍ଲକ ପ୍ରଶାସନ ତରଫରୁ ସୂଚନା ମିଳିଛି। ପ୍ରଶାସନ ତରଫରୁ ରିପୋର୍ଟ ପ୍ରସ୍ତୁତ କରାଯିବା ପରେ ଚାଷୀଙ୍କୁ କିପରି ସହାୟତା ପ୍ରଦାନ କରାଯିବ ତାହା ସ୍ଥିର କରାଯିବ ବୋଲି ବିଡିଓ ରଞ୍ଜନ କୁମାର ପରିଡ଼ା ସୂଚନା ଦେଇଛନ୍ତି।

### ନିଶ୍ଚିନ୍ତକୋଇଲିରେ ୧୮୨ ଘର ଭୁଶୁଡ଼ିଛି

**ନିଶ୍ଚିନ୍ତକୋଇଲି,୮।୫(ସ୍ୱ.ପ୍ର.):** ଫନୀ ମୁକାବିଲା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ପରିମଳ, ପାନୀୟ ଜଳ ଓ ଲାଇନ୍ ବିଭାଗ ସମେତ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ। ତହସିଲଦାର ଜିତେନ୍ଦ୍ର ପାତ୍ର, ବିଡିଓ ସୁରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ରିଲିଫ ନ ମିଳିବା, ପଲିଥିନ ନ ମିଳିବା ଓ ବିଦ୍ୟୁତ୍ ସଂଯୋଗରେ ବିଳମ୍ବ ହେବା ନେଇ ଜନ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଏହାର ତୁରନ୍ତ ସମାଧାନ ପାଇଁ ମନ୍ତ୍ରୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଡିଓ ପ୍ରଧାନ ବ୍ଲକ ଅଞ୍ଚଳରେ ହୋଇଥିବା କ୍ଷୟକ୍ଷତି ଆକଳନର ତଥ୍ୟ ଦେଇଥିଲେ। ତଥ୍ୟ ଅନୁସାରେ, ବ୍ଲକର ୨ଲକ୍ଷ୧୨ହଜାର୫୫୬ ଜଣ ଫନୀ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ୧୦ ହଜାରରୁ ଊର୍ଦ୍ଧ୍ୱ ଗୋରୁଗାଈ ଓ ୧୦ ହଜାର ପକ୍ଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ୧୮୨ ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ୧୦୨୦୦ ଘର ଆଂଶିକ ଭାଙ୍ଗିଛି। ଏହାପରେ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ପରିବାରକୁ ମୁଣ୍ଡପିଛା ୫ କେଜି ଚାଉଳ ଓ କାର୍ଡ ପିଛା ୫୦୦ ଟଙ୍କା ଯୋଗାଇ ଦିଆଯିବାକୁ ନିର୍ଦ୍ଦେଶ ହୋଇଥିଲା। ବୈଠକରେ ଅଶୋକ ଓଝା, ରମାକାନ୍ତ ମହାନ୍ତି, ଗିରିଶ ମହାପାତ୍ର, ସିଡିପିଓ ଲିଳାବତୀ ସେଠୀ, ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ସାହୁ, ଏବିଡିଓ ସୁଶାନ୍ତ ରଣା, ଯୋଗାଣ ଅଧିକାରୀ ପ୍ରିତମ ଦାସ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ୨୭୯ ହେକ୍ଟର ପନିପରିବା, ଫଳଚାଷ କ୍ଷତିଗ୍ରସ୍ତ

**ତିଗିରିଆ,୮।୫(ଡି.ଏନ.ଏ.):** ବାତ୍ୟା ଫନୀ ପ୍ରଭାବରେ ତିଗିରିଆ ଅଞ୍ଚଳରେ ବ୍ୟାପକ ପନିପରିବା ସହିତ ବିଭିନ୍ନ ପ୍ରକାରର ଫଳଚାଷ ଉଜୁଡ଼ିଯାଇଛି। ଏପରି କି ଫନୀ ଫଳଚାଷୀଙ୍କ ବର୍ଷକର ରୋଜଗାର ଆଶା ସମ୍ପୂର୍ଣ୍ଣ ଧୂଳିସାତ୍ କରିଦେଇଛି। ତିଗିରିଆ କୃଷି ଓ ଉଦ୍ୟାନ କୃଷି ବିଭାଗ ସୂଚନା ଅନୁସାରେ ବିଭାଗୀୟ ଅଧିକାରୀମାନେ ପ୍ରାଥମିକଭାବେ ଯେଉଁ କ୍ଷୟକ୍ଷତି ଆକଳନ କରିଛନ୍ତି ସେଥିରୁ ବ୍ଲକ ଅଞ୍ଚଳରେ ୧୨୫ ହେକ୍ଟର ଫଳଚାଷ କ୍ଷତିଗ୍ରସ୍ତ ହୋଇଥିବା ୧୫୪ ହେକ୍ଟର ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଏହି ଆକଳନକୁ ପ୍ରାଥମିକଭାବେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ପରବର୍ତ୍ତୀ ସମୟରେ କୃଷି, ଉଦ୍ୟାନ କୃଷି ଏବଂ ରାଜସ୍ୱ ବିଭାଗର ମିଳିତ ଆକଳନ ପରେ କ୍ଷୟକ୍ଷତିର ବାସ୍ତବ ଚିତ୍ର ସ୍ପଷ୍ଟ ହେବ ବୋଲି ସହକାରୀ କୃଷି ଅଧିକାରୀ ଦେବୀପ୍ରସାଦ ପୃଷ୍ଟି ସୂଚନା ଦେଇଛନ୍ତି। ବ୍ଲକରେ ଫଳ ଗଛ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଗଛରେ ଭରପୁର ରହିଥିବା ଫଳସବୁ ବାତ୍ୟାରେ ଝଡ଼ିପଡ଼ିବା ଯୋଗୁ ଚାଷୀ ଏବେ ଆର୍ଥିକ ଦୂରାବସ୍ଥା ମଧ୍ୟରେ ଗତି କରିବା ସାର ହୋଇଛି।


ତିର୍ତ୍ତୋଲ ଚନ୍ଦନ ପୋଖରୀରେ ମା' ଶାରଳାଙ୍କ ଚାପ ଖେଳ।

## ମା' ଶାରଳାଙ୍କ ଚନ୍ଦନଯାତ୍ରା ଆରମ୍ଭ

**ତିର୍ତ୍ତୋଲ,୮।୫(ଡି.ଏନ.ଏ.)**

**ଚାପ ଖେଳ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼**

ପ୍ରସିଦ୍ଧ ଶକ୍ତିପୀଠ ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ଝଙ୍କଡ଼ ଶାରଳାଙ୍କ ପୀଠରେ ମା'ଙ୍କ ଚନ୍ଦନ ଯାତ୍ରା ପବିତ୍ର ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଛି। ଏହି ଚନ୍ଦନ ଯାତ୍ରା ଦୀର୍ଘ ୨୧ ଦିନ ଧରି ପରମ୍ପରା ଅନୁଯାୟୀ ବିଧିବିଧାନରେ ଅନୁଷ୍ଠିତ ହେବ। ପ୍ରତ୍ୟହ ପାରମ୍ପରିକ ନୀତିରେ ପୂଜାର୍ଚ୍ଚନା ପରେ ମଧ୍ୟାହ୍ନ ୧୨ଟା ବେଳେ ବଡ଼ସିଂହାର ବେଶ ହେବ। ଏହି ସମୟରେ ବଡ଼ପଣ୍ଡା ମା'ଙ୍କ ବିଜେ ପ୍ରତିମାଙ୍କୁ ସୁବାସିତ ଜଳରେ ସ୍ନାନ କରାଇ ଚନ୍ଦନ ଲାଗି କରାଇବେ। ମା'ଙ୍କ ପ୍ରତିମା ମନ୍ଦିରରୁ ସୁସଜ୍ଜିତ ମଣିମୟ ବିମାନରେ ବିଜେ କରି ମନ୍ଦିର ସମ୍ମୁଖକୁ ଆସିବେ। ପରମ୍ପରା ଅନୁଯାୟୀ ସେଠାରେ ଥିବା ପାଲିଙ୍କିରେ ବିଜେ କରିବା ପରେ ସେବାୟତଙ୍କ ଘଣ୍ଟ, ଘଣ୍ଟା, କାହାଳୀ, ମର୍ଦ୍ଦଳ, ପଖଜ, ଗିନି, କରତାଳ ପ୍ରଭୃତି ବାଦ୍ୟର ତାଳେତାଳେ ବର୍ଣ୍ଣାଢ୍ୟ ପଟୁଆରରେ ହରିବୋଲ ଓ ହୁଳହୁଳି ଧ୍ୱନି ମଧ୍ୟରେ ମା' ଚନ୍ଦନ ପୋଖରୀ ଅଭିମୁଖେ ଯାତ୍ରା କରନ୍ତି। ଚନ୍ଦନ ପୋଖରୀରେ ଏକ ସୁସଜ୍ଜିତ ନୌକାରେ ମା'ଙ୍କ ବିଜେ ପ୍ରତିମା ଉପବେଶନ ପରେ ଚାପ ଖେଳ ଅନୁଷ୍ଠିତ ହୋଇଥାଏ। ଚାପ ଖେଳ ପରେ ମା' ଚନ୍ଦନ ପୋଖରୀ ପାର୍ଶ୍ୱରେ ଥିବା ଚନ୍ଦନକୁଣ୍ଡିରେ ବିଶ୍ରାମ ନିଅନ୍ତି। ସନ୍ଧ୍ୟା ପରେ ମା'ଙ୍କ ବିଜେ ପ୍ରତିମା ପୁନଶ୍ଚ ନୌକାରେ ଉପବେଶନ କରି ରାତ୍ରୀ ଚାପ ଖେଳିଥାନ୍ତି। ଚାପଖେଳ ଶେଷ ପରେ ରାତିରେ ମା' ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଚାପଖେଳର ୧ମ ଦିନ ଏକ ଘେରା, ୨ୟ ଦିନ ଦୁଇ ଘେରା, ୩ୟ ଦିନ ତିନି ଘେରା ଏହିପରି ୨୧ ଦିନ ପର୍ଯ୍ୟନ୍ତ ଦିନ ଓ ରାତିରେ ଚାପ ଖେଳିଥାନ୍ତି। ଅନ୍ୟ ଦେବଦେବୀ ପୀଠରେ ଦିନକୁ ଥରେ ଚାପ ଖେଳ ହେଉଥିବାବେଳେ ମା' ଶାରଳାଙ୍କ ପୀଠରେ ଦିବାରାତ୍ର ଦୁଇଥର ଚାପ ଖେଳର ପରମ୍ପରା ଆବାହମାନ କାଳରୁ ରହି ଆସିଛି। ଏହି ଚନ୍ଦନ ଯାତ୍ରା ଦେଖିବାକୁ ଚନ୍ଦନ ପୋଖରୀ ଚତୁପାର୍ଶ୍ୱରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥାଏ।

## କାନ୍ଥ ପଡ଼ି ଦମ୍ପତି ଆହତ


କାନ୍ଥପଡ଼ି ଆହତ ହୋଇଥିବା ଦମ୍ପତି।

**ରଘୁନାଥପୁର,୮।୫(ଡି.ଏନ୍.ଏ)**

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଦଣ୍ଡସାହି ୧ ନଂ. ୱାର୍ଡରେ ବୁଧବାର ସକାଳୁ ଘର ଭିତରେ ଶୋଇଥିବା ବେଳେ ଝାଟିମାଟି କାନ୍ଥ ପଡ଼ି ଦମ୍ପତି ଆହତ ହୋଇଛନ୍ତି। ବାତ୍ୟା ଫନୀ ପ୍ରଭାବରେ ଦିନ ମଜୁରିଆ ସନ୍ତୋଷ କୁମାର ବାରିକଙ୍କ ଝାଟିମାଟି ଚାଳ ଛପର ଘର କ୍ଷତିଗ୍ରସ୍ତ ହୋଇଥିଲା। ତେବେ ସନ୍ତୋଷ ତାଙ୍କର ସ୍ତ୍ରୀ ଓ ଛୋଟ ପୁଅ ସହ ଘର ଭିତରେ ଶୋଇଥିବା ବେଳେ ହଠାତ୍ କାନ୍ଥର କିଛି ଅଂଶ ତାଙ୍କ ଉପରେ ଅଜାଡ଼ି ହୋଇପଡିଥିଲା। ସନ୍ତୋଷଙ୍କ ହାତ ଓ ସ୍ତ୍ରୀ କୁନିଙ୍କ ଅଣ୍ଟା ଆଘାତ ପ୍ରାପ୍ତ ହୋଇଛି। ତେବେ ସେମାନେ ବିପଦମୁକ୍ତ ଥିବା ଜଣାପଡିଛି। ଉଭୟେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ଅଛନ୍ତି। ପ୍ରତିଦିନ ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିବା ସନ୍ତୋଷଙ୍କ ହାତରେ ଆଘାତ ଲାଗିବା ପରେ ପରିବାର ଚଳାଇବା ତାଙ୍କ ପକ୍ଷରେ କଷ୍ଟସାଧ ହୋଇପଡିଛି। ରିଲିଫ୍ କୋଡ୍ ଅନୁଯାୟୀ ତୁରନ୍ତ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଥିବା ବେଳେ, ଏ ସମ୍ପର୍କିତ ଖବର ବିଡିଓ, ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କୁ ଜଣାଇ ଦିଆଯାଇଛି।

## ମନ୍ଥର ଗତିରେ ଚାଲିଛି ବିଦ୍ୟୁତ୍ ମରାମତି କାମ

**ନାଉଗାଁ,୮।୫(ସ୍ୱ.ପ୍ର.)**

**ଅନ୍ଧାରରେ ନାଉଗାଁ ବ୍ଲକ**

- ଆବଶ୍ୟକ କର୍ମଚାରୀ ଅଭାବରୁ କାର୍ଯ୍ୟରେ ବିଳମ୍ବ
- ୧୧କେଭି ଲାଇନର ୧୫୦ ଓ ଏଲଟି ଲାଇନର ୪୫୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ନଷ୍ଟ

ବାତ୍ୟା 'ଫନୀ' ପ୍ରଭାବରେ ନାଉଗାଁ ବ୍ଲକରେ ବିଦ୍ୟୁତ ତାର ଓ ଖୁଣ୍ଟଗୁଡ଼ିକ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ତେଣୁ ନାଉଗାଁ ଅଞ୍ଚଳକୁ ୪ ଦିନ ହେଲା ବିଦ୍ୟୁତ ସରବରାହ ବନ୍ଦ ରହିଛି। ଲୋକେ ଅନ୍ଧାରରେ ରହୁଥିବାବେଳେ ମୋବାଇଲ ଓ ଟର୍ଚ୍ଚ ଲାଇଟ୍ ଆଦି ଚାର୍ଜ କରିପାରୁ ନାହାନ୍ତି। ସେହପରି ପାନୀୟଜଳ ସଂଗ୍ରହ କରିପାରୁ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା, ବ୍ଲକ, ତହସିଲ ଓ ବ୍ୟାଙ୍କ ଭଳି ଅତ୍ୟାବଶ୍ୟକ ସ୍ଥାନକୁ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ତେଣୁ ଏସବୁ ସ୍ଥାନରେ ଜେନେରେଟର ବ୍ୟବହାର କରାଯାଉଛି। ତେବେ ଅଧିକ ସମୟ ଜେନେରେଟର ବ୍ୟବହାର ସମ୍ଭବ ହେଉ ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜରୁରୀ ଔଷଧପତ୍ର ନଷ୍ଟ ହେବା ଆଶଙ୍କା ରହିଛି। ପ୍ରତ୍ୟେକ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ରହିଛି। ବିଭାଗ ପକ୍ଷରୁ ଅଧିକ ଖର୍ଚ୍ଚାନ୍ତ ହୋଇ ଜେନେରେଟର ସାହାଯ୍ୟରେ ପ୍ରକଳ୍ପରୁ ଅଧଘଣ୍ଟା ଲେଖାଏ ଜଳ ଉତ୍ତୋଳନ କରାଯାଇ ବିଭିନ୍ନ ପଞ୍ଚାୟତକୁ ଯୋଗାଣ କରାଯାଉଛି। ଯେଉଁ ପଞ୍ଚାୟତକୁ ଜଳ ଯୋଗାଣ ସମ୍ଭବ ହେଉନାହିଁ, ସେଠାରେ ସମସ୍ୟା ସୃଷ୍ଟି ହୋଉଛି। ସେହିପରି ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଯୋଗୁ ଲୋକେ ଛଟପଟ ହେଉଛନ୍ତି। ବିଶେଷ କରି ଛୋଟ ପିଲା ଓ ବୃଦ୍ଧାବୃଦ୍ଧ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ ବିଭାଗ ପକ୍ଷରୁ ଦିନ ତମାମ ମରାମତି କରାଯାଉଥିଲେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବରୁ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ସହିତ ୩ ଠିକା ସଂସ୍ଥାର କର୍ମଚାରୀଙ୍କୁ ମିଶାଇ ୨୨ଜଣ କର୍ମଚାରୀ ମରାମତି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଅଦ୍ୟାବଧି ନାଉଗାଁ ଷ୍ଟ୍ରକ୍‌ଚରକୁ ସଂଯୋଗ କରୁଥିବା ୩୩ କେଭି ଲାଇନ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରି ନ ଥିବା ଜଣାଯାଇଛି। ଅନ୍ୟପକ୍ଷରେ ନାଉଗାଁ ଷ୍ଟ୍ରକ୍‌ଚରରୁ ୧୬ ପଞ୍ଚାୟତର ୯୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ୧୧ କେଭି ଲାଇନ ସଂଯୋଗ ପାଇଁ ୪ଟି ଫିଡର ରହିଛି। ଏ ସମସ୍ତ ଫିଡର ଅଧୀନରେ ବିଭିନ୍ନ ସ୍ଥାନକୁ ସଂଯୋଗ ହୋଇଥିବା ୧୧କେଭି ଲାଇନର ୧୫୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ନଷ୍ଟ ହୋଇଥିବା ବେଳେ ଏଲଟି ଲାଇନରେ ୪୫୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଛି। ଏହାମଧ୍ୟରେ ୭ଟି ଡିପି(ସବଷ୍ଟେଶନ) ମଧ୍ୟ ନଷ୍ଟ ହୋଇଛି। ଏହି ଅଞ୍ଚଳରେ ଅଧିକ ପରିମାଣରେ କ୍ଷୟକ୍ଷତି ଘଟିଥିବାରୁ କେବେ ବିଦ୍ୟୁତ ଯୋଗାଇ ଦିଆଯିବ ତାହା ଜଣାପଡୁନାହିଁ। ଏପରି କି ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଓ ତାର ଉପରେ ଗଛ ଡାଳ ଲାଗି ରହିଛି। ଯାହାକି ଅଦ୍ୟାବଧି ସଫା ହୋଇନାହିଁ। ଏ ସମ୍ପର୍କରେ ବିଭାଗୀୟ ଏସଡିଓ ଦେବଦତ୍ତ ଉପାଧ୍ୟାୟ କହିଛନ୍ତି ଯେ, ତୁରନ୍ତ ବିଦ୍ୟୁତ ଯୋଗାଣ କରିବା ପାଇଁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଚାଲିଛି। ତେଣୁ ଖୁବ୍‌ଶୀଘ୍ର ବିଦ୍ୟୁତ୍ ଯୋଗାଣ କରାଯିବ। ଅନ୍ୟପକ୍ଷରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅଧିକ କର୍ମଚାରୀ ନିୟୋଜିତ କରି ଆବଶ୍ୟକ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## 'ଫନୀ' ପରର ଦୃଶ୍ୟ




ପାରାଦୀପ: ବାତ୍ୟା 'ଫନୀ' ପ୍ରଭାବରେ ଉପୁଡ଼ିପଡ଼ିଥିବା ଏକ ବିରାଟ ଗଛ। ବିଭିନ୍ନ ସ୍ଥାନରେ ଉପୁଡ଼ି ପଡିଥିବା ଗଛକୁ ସ୍ଥାନୀୟ ଲୋକେ ବୋହି ନେଉଛନ୍ତି।



ଯେକୌଣସି କାମ କରିବାକୁ ଶ୍ରଦ୍ଧାର ସହିତ ଚେଷ୍ଟା କଲେ ଯେତେ ବାଧା, ବିଘ୍ନ ଓ ଅସୁବିଧା ଆସୁ ପଛେ ଲୋକ ନିଶ୍ଚୟ ସଫଳ ହେବ ।
-ଜନ ବେୟାର୍ଡ



## ସଂକ୍ଷେପରେ

### ତିନି ମହଲାରୁ ଖସି ଯୁବକ ମୃତ

**ପୁରୀ ଅଫିସ, ୮।୫:** ପୁରୀ ଦୋଳମଣ୍ଡପ ସାହିରେ ବୁଧବାର ଏକ ତିନି ମହଲା କୋଠାରୁ ଖସିପଡ଼ି ଜଣେ ଯୁବକ ପ୍ରାଣ ହରାଇଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ। ସେ କୋଠାରେ ଚଢ଼ି ଜେନେରେଟର ସଜାଡୁଥିବାବେଳେ ଅନ୍ୟମନସ୍କତାରେ ହଠାତ୍ ତାଙ୍କ ଗୋଡ଼ ଖସିଯାଇଥିଲା। ପ୍ରକାଶ ଯେ, ବାତ୍ୟାରେ ସହରରେ ବହୁ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡ଼ିଛି। ବିଦ୍ୟୁତ୍ ତାର ଗୁଡ଼ାଇତୁଡ଼ାଇ ହୋଇ ରାସ୍ତାରେ ପଡ଼ିରହିଛି। ୫ଦିନ ହେଲାଣି ଲୋକଙ୍କ ଘରେ ପାଣି ମୁନ୍ଦାଏ ନାହିଁ। ଅଧିକାଂଶ ସ୍ଥାନରେ ଜେନେରେଟର ସାହାଯ୍ୟରେ ପାଣି ଟାଙ୍କି ଭର୍ତ୍ତି କରାଯାଉଛି।

### ତିଛିଣିରେ ୨୪ ପ୍ରହର ନାମଯଜ୍ଞ



**କୃଷ୍ଣପ୍ରସାଦ,୮।୫(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ପଞ୍ଚାୟତ ଅନ୍ତର୍ଗତ ତିଛିଣି ଗ୍ରାମସ୍ଥିତ ମା' ବୃନ୍ଦାବତୀଙ୍କ ପୀଠରେ ବୁଧବାର ୧୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ୨୪ ପ୍ରହର ନାମଯଜ୍ଞ, ଗୀତାଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଓ ହରିଭକ୍ତ ସମ୍ମିଳନୀ ଆଦି କାର୍ଯ୍ୟକ୍ରମ ଗତ ସୋମବାରଠାରୁ ଆରମ୍ଭ ହୋଇଛି । ବଡଅଁଳ, ସାମନ୍ତରାୟପୁର, ଗୋମୁଣ୍ଡିଆ, ପଥରକଟା, ଖଟିଆକୁଦି ଆଦି ଗ୍ରାମର ୧୦ଟି ସଂକୀର୍ତ୍ତନ ଦଳ ଉପସ୍ଥିତ ରହି ନାମ କୀର୍ତ୍ତନ କରୁଛନ୍ତି। କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି । ପୂଜା କମିଟି ସଭାପତି ନିରଞ୍ଜନ ତରେଇ, ସମ୍ପାଦକ ରତ୍ନାକର ତରେଇ ଏବଂ ତିଛିଣି ଗ୍ରାମ୍ୟ କମିଟି ବରିଷ୍ଠ ସଦସ୍ୟ କେଦାର ନାଥ ସାହୁ, ଏକାଦଶୀ ଜେନା ପ୍ରମୁଖ ଉତ୍ସବ ପରିଚାଳନା କରୁଛନ୍ତି। ବିଭିନ୍ନ ମଠରୁ ୨୧ଜଣ ସାଧୁସନ୍ଥ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଶନିବାର ଉତ୍ସବ ଉଦ୍‌ଯାପିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

### ଦୁର୍ଘଟଣା: ଅଟୋ ଚାଳକ ମୃତ

**ଖୋର୍ଦ୍ଧା ଅଫିସ,୮।୫:** କୋଲକାତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ନାଚୁଣୀ ଛକଠାରେ ଏକ ଘରୋଇ ବସ୍ ଧକ୍କାରେ ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରବି ବାରିକ(୫୦)। ଘର ବାଣପୁର ସହରର ପାଣିସାହିରେ। ବାଣପୁର ପାଣିସାହିର ରବି ମଙ୍ଗଳବାର ରାତିରେ ଓଡି୦୨ଏପି ୩୭୫୭ନଂର ଅଟୋ ଯୋଗେ ଏକ ଭଡା ନେଇ ନାଚୁଣୀ ଯାଇଥିଲେ। ନାଚୁଣୀ ପେଟ୍ରୋଲ ପମ୍ପରେ ତେଲ ପକାଇ ଘରକୁ ଫେରୁଥିବାବେଳେ ରାତି ପ୍ରାୟ ସାଢ଼େ ୧ଟାରେ ଏକ ଘରୋଇ ବସ ଅଟୋକୁ ଧକ୍କା ଦେବାରୁ ଆହତ ହୋଇଥିଲେ। ରବିଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ ଶୁଖିଲା ପଡ଼ିଛି ମହାନଦୀ

# ଜୀବିକା ହରାଇବେ କୈବର୍ତ୍ତ ସମ୍ପ୍ରଦାୟ

**ଖଣ୍ଡପଡା,୮।୫(ସ୍ୱ.ପ୍ର.)**

ପିଲାମାନେ ପାଠ ପଢୁଥିଲେ ଓ ହସ୍ତାକ୍ଷରରେ ଲେଖୁଥିଲେ ଓଡିଶାର ବଡ଼ନଦୀ ମହାନଦୀ । ବର୍ଷାଦିନେ ନଦୀବଢି ହେଉଥିଲା ଓ ସ୍କୁଲମାନଙ୍କରେ ପିଲାମାନଙ୍କୁ ରଚନା ଲେଖିବାକୁ ଦିଆଯାଉଥିଲା 'ମହାନଦୀର ଦୃଶ୍ୟ' । ଏବେ କିନ୍ତୁ ପଟ୍ଟ ପରିବର୍ତ୍ତନ ହୋଇଛି। ୨/୩ ବର୍ଷ ହେଲା ମହାନଦୀରେ ବନ୍ୟା ଆସୁନି କି ଶ୍ରାବଣ ମାସରେ ନଦୀ ବଢିର ଚମକ ଦେଖାଯାଉନି। ସମ୍ପ୍ରତି ମହାନଦୀରେ ଜଳ ପ୍ରବାହ କମି ଯାଇଛି । ଆଗାମୀ ବର୍ଷା ଋତୁରେ ମହାନଦୀ ଯେ ପୂର୍ଣ୍ଣଗର୍ଭା ହୋଇପାରିବ ତାହା ଭାବିବା କଷ୍ଟକର ହୋଇପଡିଛି। ବୟସ୍କ ବ୍ୟକ୍ତି କହିବା ଅନୁଯାୟୀ, ଯେତେବେଳେ ହୀରାକୁଦ ବନ୍ଧ ନିର୍ମାଣ କରାଗଲା ସେବେଠାରୁ ମହାନଦୀ ବର୍ଷର ସବୁ ସମୟରେ ପୂର୍ଣ୍ଣଗର୍ଭା ଥିଲା। ସେତେବେଳେ ଯାନବାହନ ବିଶେଷ ଚଳପ୍ରଚଳ ନ ଥିଲା । ଗମନାଗମନର ସୁବିଧା ନ ଥିବାରୁ ନୌବାଣିଜ୍ୟରେ ଏକମାତ୍ର ମାଧ୍ୟମ ଥିଲା ମହାନଦୀ। ଫଳରେ ସମ୍ବଲପୁରଠାରୁ କଟକ ପର୍ଯ୍ୟନ୍ତ ଘରକରଣା ସାମଗ୍ରୀ, ଧାନ, ଗହମ, ମାଣ୍ଡିଆ, ବନଜାତ ଦ୍ରବ୍ୟ କେନ୍ଦୁ, ମହୁଲ ଓ ବିଭିନ୍ନ ଫଳମୂଳ ଆଦି



ମହାନଦୀରେ ପାଣି ଶୁଖିବାକୁ ବସିଛି।

ନୌକାରେ ବ୍ୟବସାୟ ହେଉଥିଲା । କୈବର୍ତ୍ତ ସମ୍ପ୍ରଦାୟର ଲୋକେ ନୌବାଣିଜ୍ୟ କରି ଓ ନଦୀ କୂଳବର୍ତ୍ତୀ ମତ୍ସ୍ୟଜୀବୀମାନେ ନଦୀ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିଲେ । ଏବେ ମହାନଦୀ ଶୁଖିଲା ପଡିଥିବାରୁ ସହସ୍ରାଧିକ କୈବର୍ତ୍ତ ସମ୍ପ୍ରଦାୟ ପରିବାର ମାଛ ମାରିବା ଦୂରର କଥା ଘରେ ଥିବା ଜାଲ ଗୁଡାଇ ରଖିଛନ୍ତି। ବେଉସା ହରାଇ ସେମାନେ ବହୁ ଅସୁବିଧା ମଧ୍ୟରେ କାଳ କାଟୁଛନ୍ତି। ନଦୀ ଶୁଖିଲା ପଡିଥିବାରୁ କୂଳରେ ବାସ କରୁଥିବା ଲୋକେ ମହାନଦୀ ପଠାରେ ଚାଷକରି ବିଭିନ୍ନ ପନିପରିବା ଓ ଫଳମୂଳ ଚାଷକରି ଜୀବିକା ନିର୍ବାହ କରୁଛନ୍ତି। ଅନ୍ୟପକ୍ଷରେ ହୀରାକୁଦ ବନ୍ଧ ତଳଭାଗରେ ଥିବା ଟିକରପଡା, ସାତକୋଶିଆ ଗଣ୍ଡ କ୍ରମଶଃ ପୋତି ହୋଇଯାଉଥିବାରୁ ସେଠାରେ ଥିବା କୁମ୍ଭୀର ପ୍ରଜନନ କେନ୍ଦ୍ର ପ୍ରଭାବିତ ହେଉଛି। ହୀରାକୁଦ ବନ୍ଧ ପାଣି ତଳଆଡକୁ ନ ଆସିଲେ ମହାନଦୀରେ ମାଛବଂଶ ଲୋପ ପାଇଯିବ। ଏହାଛଡା ନଦୀର ଯେଉଁ କେତେକ ସ୍ଥାନରେ ପାଣି ରହିଛି ସେଠାରେ କେତେକ ଦୁର୍ବୃତ୍ତ କୀଟନାଶକ ପ୍ରୟୋଗ କରି କିମ୍ବା ବମ୍ ପକାଇ ମାଛ ମାରୁଥିବାରୁ ଏହା କୈବର୍ତ୍ତ ସମ୍ପ୍ରଦାୟ ପାଇଁ ବାଧକ ସାଜୁଛି। ଏହାର ପ୍ରତିକାର ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

**ରଣପୁର, ୮।୫ (ସ୍ୱ.ପ୍ର.)**

ରଣପୁର ଏନ୍‌ଏସିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଂଶତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ବ୍ରଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବନଲତା ବେହେରା ମୁଖ୍ୟଅତିଥି, ରାଜସୁନାଖଳା ସଂକୁଳ ପ୍ରମୁଖ ହରିହର ଦାଶ ମୁଖ୍ୟବକ୍ତା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ପିଲାମାନଙ୍କ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥିଲେ । ଶିକ୍ଷୟିତ୍ରୀ ସଙ୍ଗୀତା ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ସିପ୍ରା ପଟ୍ଟନାୟକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଚଳିତବର୍ଷ ଏନ୍‌ଏମ୍‌ଏସ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ଆଶ୍ରିତା ପ୍ରିୟଦର୍ଶିନୀ ଓ କିରଣ ଜେନା ଏବଂ ଅଷ୍ଟମଶ୍ରେଣୀ ବାର୍ଷିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଅଙ୍କିତା ଦାସଙ୍କୁ ସାର୍ଟିଫିକେଟ ଓ କପ୍ ଦେଇ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ପରିଚାଳନା କମିଟି ସଭ୍ୟାସଭ୍ୟ ଓ ଅଭିଭାବକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।



ବାର୍ଷିକୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

## ଜବାହର ନବୋଦୟ ବିଦ୍ୟାଳୟର ସଫଳତା

**ନୟାଗଡ଼ ଅଫିସ, ୮।୫**

ସେଣ୍ଟ୍ରାଲ ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ନୟାଗଡ଼ ଜିଲାରେ ଥିବା ଜବାହର ନବୋଦୟ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରିଛି । ଦଶମରେ ୩୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ କରିଛନ୍ତି। ଆଶୁତୋଷ ପ୍ରହରାଜ ଓ ବିଶ୍ୱଜିତ ନାୟକ ଦଶମ ଶ୍ରେଣୀରେ ବିଦ୍ୟାଳୟରେ ଯୁଗ୍ମ ଟପ୍ପର ହୋଇଛନ୍ତି। ଉଭୟ ୯୭.୬ ପ୍ରତିଶତ ନମ୍ବର ରଖିଛନ୍ତି। ୨୭ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ପରୀକ୍ଷା ଦେଇଥିବା ସମସ୍ତ ୩୭ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ୯ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକା ମାର୍କ ରଖିଛନ୍ତି। ଦ୍ୱାଦଶ ଶ୍ରେଣୀରେ କପିଳେଶ ପ୍ରସାଦ ୯୬.୨ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଥିବା ଅଧକ୍ଷ ଦାୟିତ୍ୱରେ ଥିବା ଡ. ପି. ପ୍ରହରାଜ ସୂଚନା ଦେଇଛନ୍ତି।



ଆଶୁତୋଷ ପ୍ରହରାଜ।



ବିଶ୍ୱଜିତ ନାୟକ।

## ସରକାରୀ ରିଲିଫ୍ ବାଣ୍ଟିପାରିବେନି ଘରୋଇ ଅନୁଷ୍ଠାନ

**ପୁରୀ ଅଫିସ,୮।୫**

ସରକାରଙ୍କ ପକ୍ଷରୁ ବାତ୍ୟାବିପନ୍ନଙ୍କ ଲାଗି ଯେଉଁ ରିଲିଫ୍ ଯୋଗାଇ ଦିଆଯାଉଛି ତାହାକୁ ବେସରକାରୀ ଲୋକ ବା ଅନୁଷ୍ଠାନ ବାଣ୍ଟିପାରିବେ ନାହିଁ। ସରକାରୀ କର୍ମଚାରୀମାନେ ଏହି ରିଲିଫ ସାମଗ୍ରୀ ବାଣ୍ଟିବେ। ଏହାଦ୍ୱାରା ସ୍ୱଚ୍ଛତା ରହିବ ଏବଂ ପ୍ରକୃତ ଲୋକଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚିପାରିବ ବୋଲି କହିଛନ୍ତି ପୁରୀ ଜିଲାପାଳ ବଲୱନ୍ତ ସିଂ। ରିଲିଫ୍ ବଣ୍ଟନ ଠିକ୍ ହେଉନାହିଁ ଏବଂ ଅନେକ ଥିଲାବାଲା ଲୋକେ ଏହାଦ୍ୱାରା ଉପକୃତ ହେଉଛନ୍ତି ବୋଲି ଅଭିଯୋଗ ଆସିବା ପରେ ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଜିଲାପାଳ। ବୁଧବାର ପୁରୀ ଜିଲାରେ ପୁନରୁଦ୍ଧାର ଏବଂ ରିଲିଫ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ଜିଲାପାଳ ସିଂ କହିଥିଲେ, ପାଇପ ଯୋଗେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ ହେଲାଣି। ତଥାପି ବିଭିନ୍ନ ସ୍ଥାନରେ ଟ୍ୟାଙ୍କର ଯୋଗେ ପାଣି ଦିଆଯାଉଛି। ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ବ୍ରହ୍ମପୁର ମହାନଗର ନିଗମ ମେୟରଙ୍କ ତତ୍ତ୍ୱାବଧାନରେ କାମ ଚାଲିଛି। ଖୁବ୍‌ଶୀଘ୍ର ପରିମଳ ଏବଂ ରାସ୍ତାଘାଟ ସଫେଇ ସମ୍ପୂର୍ଣ୍ଣ ଭାବେ ହୋଇଯିବ। ରିଲିଫ୍ ସାମଗ୍ରୀ ଯେପରି ସୁବ୍ୟବସ୍ଥିତ ଭାବେ ବିପନ୍ନଙ୍କ ପାଖରେ ପହଞ୍ଚିପାରିବ ସେଥିଲାଗି ଗଞ୍ଜାମର ପିଡି ଡିଆରଡିଏ ସିଦ୍ଧାର୍ଥ ସ୍ୱାଇଁ ତଦାରଖ କରୁଛନ୍ତି। ସମ୍ପୃକ୍ତ ଅଞ୍ଚଳର ତହସିଲଦାରମାନଙ୍କୁ ପଲିଥିନ ବଣ୍ଟନ ଦାୟିତ୍ୱ ଦିଆଯାଇଥିବାବେଳେ ଚୁଡ଼ା, ଗୁଡ଼ ଆଦି ସାମଗ୍ରୀର ବଣ୍ଟନ ଦାୟିତ୍ୱ ବିଡିଓମାନଙ୍କୁ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଖାଉଟି କାର୍ଡଧାରୀଙ୍କୁ ଯେଉଁ ୫୦ କିଗ୍ରା ଚାଉଳ ପ୍ରଦାନ ଲାଗି ଘୋଷଣା କରାଯାଇଛି ତାହା ପିଡିଏସ୍ ରିଟେଲଙ୍କର ମାଧ୍ୟମରେ ଦିଆଯିବ। ୩ଦିନ ମଧ୍ୟରେ ଏହା ବଣ୍ଟନ ଆରମ୍ଭ ହେବ। ଏହାପରେ ୨ହଜାର ଲେଖାଏ ଟଙ୍କା ବଣ୍ଟନ କରାଯିବ।

### କ୍ଷତିଗ୍ରସ୍ତ ଅଞ୍ଚଳରେ ସହାୟତା ପାଇଁ ସମୀକ୍ଷା

**ପୁରୀ ଅଫିସ, ୮।୫**

ପୁରୀ ଜିଲାର ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ସହାୟତା ଯୋଗାଇବା ନେଇ ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ପାନୀୟଜଳ, ରାସ୍ତା ଯୋଗାଯୋଗ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବେଆଇନ ଅବରୋଧ ହଟାଇବା, ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇବା ଏବଂ ସବୁ ବ୍ଲକରେ ଆବଶ୍ୟକ ଜେନେରେଟର ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିପନ୍ନଙ୍କୁ ପଲିଥିନ ବଣ୍ଟନ କରାଯାଉଛି। ବିଦ୍ୟୁତ୍ ସରବରାହ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ପ୍ରତି ବ୍ଲକକୁ ଆସ୍କା ଲାଇଟ୍ ଯୋଗାଇ ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତି ବ୍ଲକକୁ ଆଉ ୫ଟି ଲେଖାଏ ଆସ୍କା ଲାଇଟ୍ ଯୋଗାଇ ଦିଆଯିବ। ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ବଣ୍ଟନ ପାଇଁ ଚାଉଳ, ଚୁଡ଼ା, ଗୁଡ଼ ସହ ୧୧୫୭୪ ପ୍ୟାକେଟ୍ ଶୁଖିଲା ଖାଦ୍ୟ, ୬୧୯ କୁଇଣ୍ଟାଲ ଲୁଣ, ୨୬୮ ପେଟି ଓଆରଏସ୍ ଏବଂ ୯୬୧୮ ରୋଲ୍ ପଲିଥିନ ଦିଆଯାଇଛି। ପ୍ରତିବ୍ଲକରେ ଏନ୍‌ଡିଆରଏଫ୍ ଟିମ୍ ରହି ସହାୟତା କରୁଛନ୍ତି ଏବଂ ଆଗକୁ ମଧ୍ୟ ଏହା ଚାଲିବ ବୋଲି ସେ ପ୍ରକାଶ କରିଥିଲେ। ଏହି ବୈଠକରେ ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ ରିଲିଫ୍, ପାନୀୟଜଳ ଯୋଗାଉନି ପ୍ରଶାସନ

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶୋଇଲେ ମହିଳା

**ପୁରୀ ଅଫିସ୍, ୮।୫**

ପୁରୀ ସହରକୁ ଉଜାଡ଼ି ଦେଇଛି 'ଫନୀ'। ସହରର ଏକାଧିକ ବସ୍ତି ଛାରଖାର ହୋଇ ଯାଇଛି। ବାତ୍ୟାର ୫ଦିନ ପରେ ବି ଲୋକଙ୍କୁ ରିଲିଫ୍, ପାନୀୟଜଳ ଯୋଗାଇ ପାରିନି ପ୍ରଶାସନ। ଏ ନେଇ ଗୌଡବାଡ଼ ସାହି ନିକଟ ଆଶ୍ରମ ଛକ ମହେଶ୍ୱର ବସ୍ତିର ଶତାଧିକ ମହିଳା ବୁଧବାର ଜିଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିଲେ। ମାତ୍ର ଜିଲାପାଳଙ୍କୁ ଭେଟିବା ପାଇଁ ସେମାନଙ୍କୁ ପୋଲିସ ଛାଡ଼ି ନ ଥିଲା। ଫଳରେ ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଏହାସତ୍ତ୍ୱେ କୌଣସି ଅଧିକାରୀ ଅଭିଯୋଗ ଶୁଣି ନ ଥିଲେ। ଏଥିଯୋଗୁ ସେମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ରିଲିଫ ନ ପାଇବା ପର୍ଯ୍ୟନ୍ତ ଧାରଣରୁ ହଟିବେ ନାହିଁ ବୋଲି ମହିଳାମାନେ ଜିଦ୍ ଧରିଥିଲେ। ଅଧିକାଂଶ ମହିଳା ସେଠାରେ ଦୀର୍ଘସମୟ ଧରି ଶୋଇ ରହିଥିଲେ। ଅପରାହ୍ନ ୩ଟାରେ ଅତିରିକ୍ତ ଏସ୍‌ପି ପି.କେ. ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିଥିଲେ। ତୁରନ୍ତ ରିଲିଫ୍ ସାମଗ୍ରୀ ଓ ପାନୀୟଜଳ ଯୋଗାଇ ଦିଆଯିବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷେ ଉକ୍ତ ବସ୍ତିର ସୁକୁମାର ମିଶ୍ର, ରାଧାଗୋବିନ୍ଦ ଭୋଇ ଓ ସନ୍ୟାସୀ ପାତ୍ର ପ୍ରମୁଖ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ଅଧିକାଂଶଙ୍କ ଘର ଉପରେ ଗଛ ଏବଂ ରାସ୍ତାରେ ବିଦ୍ୟୁତ ଖୁଣ୍ଟି, ଟାୱାର ପଡ଼ିରହିଛି। ଏହାକୁ ହଟାଇବା ଲାଗି କୌଣସି ବ୍ୟବସ୍ଥା କରାଯାଉନାହିଁ। ଗଛ ପଡ଼ି ୨ଟି ରାସ୍ତା ଅବରୋଧ ଯୋଗୁ ଯାତାୟାତରେ ସମସ୍ୟା ଉପୁଜୁଛି। ଏ ନେଇ ପୁରୀ ଜିଲା ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଛନ୍ତି, ନୂତନ ଜିଲାପାଳ ସିଂଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିଛି। ମଙ୍ଗଳବାରଠାରୁ ୱାଟର ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ସେହିପରି ଅନ୍ୟାନ୍ୟ ସୁବିଧା ମଧ୍ୟ ଯୋଗାଇ ଦିଆଯିବ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ।

■ ଜିଲାପାଳଙ୍କୁ ଭେଟିଲେ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷା

## କ୍ଷତିଗ୍ରସ୍ତ ଅନୁଷ୍ଠାନକୁ ଶୀଘ୍ର ସହାୟତା ଦିଆଯାଉ

**ପୁରୀ ଅଫିସ୍, ୮।୫**

ବାତ୍ୟାରେ ପୁରୀ ଜିଲାର ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକରେ ବ୍ୟାପକ କ୍ଷତି ଘଟିଛି। ଅଧିକାଂଶ ଶିଶୁ ଯତ୍ନ ଅନୁଷ୍ଠାନର ଘର ଛାତ ଉଡ଼ିଯାଇଛି। ସେହିପରି ଅନୁଷ୍ଠାନ ପରିସରରେ ଥିବା ଗଛ, ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଛି। କ୍ଷତିଗ୍ରସ୍ତ ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକୁ ତୁରନ୍ତ ସମସ୍ତ ସରକାରୀ ସୁବିଧା ଯୋଗାଇଦେବା ଲାଗି ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ବୁଧବାର ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ସେ ଜିଲାପାଳ ବଲୱନ୍ତ ସିଂଙ୍କୁ ଭେଟି ଆଲୋଚନା କରିଥିଲେ। ତାଙ୍କ ସହିତ ୟୁନିସେଫ୍‌ର ମିସ୍ ନେହା, ଅପରାଜିତା ସିହ୍ନା ଓ ଆୟୋଗ ସଦସ୍ୟ ହରିହର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଗ ଅଧ୍ୟକ୍ଷା ପ୍ରଧାନ କହିଥିଲେ, ବାତ୍ୟା ପ୍ରଭାବିତ ସମସ୍ତ ଜିଲା ବୁଲି ଶିଶୁ ଯତ୍ନ ଅନୁଷ୍ଠାନ ଅନୁଧାନ କରିବାର ଯୋଜନା ରହିଛି। ପ୍ରଥମ ପର୍ଯ୍ୟାୟରେ ପୁରୀ ସଦର ବ୍ଲକ ଉତ୍ତରହଣାସ୍ଥିତ ଓମ୍‌ସାଇ ବାଳାଶ୍ରମ, କଣାସସ୍ଥିତ ନୀଳାଚଳ ଶିଶୁ ସଦନ ସମେତ ଜିଲାର ଅନୁଷ୍ଠାନଗୁଡ଼ିକ ପରିଦର୍ଶନ କରିବି। ଦ୍ୱିତୀୟ ପର୍ଯ୍ୟାୟରେ ସତ୍ୟବାଦୀ, ନିମାପଡ଼ା ପ୍ରଭୃତି ଅଞ୍ଚଳ ପରିଦର୍ଶନ କରିବାର ଯୋଜନା ରହିଛି। ଉତ୍କଳ ବାଳାଶ୍ରମ ପରିଦର୍ଶନ କରିସାରିଛି। ସେଠାରେ ଶିଶୁମାନେ ସୁରକ୍ଷିତ ରହିଛନ୍ତି। ମାତ୍ର ପାନୀୟଜଳ ଓ ବିଦ୍ୟୁତ ସମସ୍ୟା ରହିଛି। ଶିଶୁମାନଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି। ଜିଲାପାଳ ସିଂ ବାଳାଶ୍ରମକୁ ଅଧିକ ଶୁଖିଲା ଖାଦ୍ୟ, ପାନୀୟଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସମସ୍ତ ଅନୁଷ୍ଠାନର ସ୍ଥିତି ଅନୁଧାନ କରିସାରିବା ପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ।

# ବାଲୁଖଣ୍ଡ ଅଭୟାରଣ୍ୟ ଛାରଖାର

**ପ୍ରଭାତ ପାଣିଗ୍ରାହୀ**
**ପୁରୀ ଅଫିସ୍, ୮।୫**

ବାତ୍ୟା 'ଫନୀ'ରେ ଛାରଖାର ହୋଇଯାଇଛି ବାଲୁଖଣ୍ଡ ଅଭୟାରଣ୍ୟ। ପୁରୀ ଓ କୋଣାର୍କ ରାସ୍ତା ପାର୍ଶ୍ୱରେ ୮୭ଶହ ହେକ୍ଟର ପରିମିତ ଜମିରେ ରହିଥିବା ଏହି ବାଲୁଖଣ୍ଡର ପ୍ରାୟ ୯୦ ପ୍ରତିଶତ ବଡ ବଡ ଗଛ ଭାଙ୍ଗିବା ସହ ଉପୁଡ଼ି ପଡ଼ିଛି। ୪ହଜାରରୁ ଊର୍ଦ୍ଧ୍ୱ ହରିଣ ଉକ୍ତ ବାଲୁଖଣ୍ଡରେ ରହିଛନ୍ତି। ବାତ୍ୟାରେ ଗଛଗୁଡ଼ିକ ନଷ୍ଟ ହୋଇଥିଲେ ମଧ୍ୟ ସମସ୍ତ ହରିଣ ସୁରକ୍ଷିତ ଅଛନ୍ତି। ବାତ୍ୟାରେ ବହୁ କାଜୁ ଗଛ ପଡ଼ିଯାଇଥିଲା। କେତେକ ଗଛ ତଳେ କିଛି ହରିଣ ଚାପିହୋଇ ରହିଯାଇଥିଲେ। ତେବେ ସେମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଜଙ୍ଗଲ ନିକଟ ଗାଁକୁ ପ୍ରାୟ ୫୦ ପ୍ରତିଶତ ହରିଣ ଚାଲିଯାଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଧୀରେ ଧୀରେ ଫେରିବାରେ ଲାଗିଛନ୍ତି। ବର୍ତ୍ତମାନ ଜଙ୍ଗଲରେ ଗଛ ପଡ଼ିରହିଥିବାରୁ ଖାଁ ଖାଁ ଲାଗୁଛି। ଏଣୁ ହରିଣମାନେ ବାଲୁଖଣ୍ଡ ଫେରିବାକୁ ଭୟ କରୁଛନ୍ତି। ପରବର୍ତ୍ତୀ ସମୟରେ ସମସ୍ତ ହରିଣ ପର୍ଯ୍ୟାୟ କ୍ରମେ ଫେରିଆସିବେ ବୋଲି ବୁଧବାର ବାଲୁଖଣ୍ଡ ଅଭୟାରଣ୍ୟ ସ୍ଥିତି ଅନୁଧାନ କରିବାକୁ ଆସିଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଛନ୍ତି।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ବାଲୁଖଣ୍ଡ ଅଭୟାରଣ୍ୟ ପରିଦର୍ଶନ କରିବା ସମୟରେ ଅତିରିକ୍ତ ଡିଏଫ୍‌ଓ ପ୍ରସନ୍ନ କୁମାର ସ୍ୱାଇଁ ଓ ସଦର ରେଞ୍ଜର ସରୋଜ ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିବା ସହ ନେଚର କ୍ୟାମ୍ପ ବୁଲି ଦେଖିଥିଲେ। ଆଗାମୀ ଦିନରେ ଅଧିକରୁ ଅଧିକ ଚାରା ରୋପଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଜଙ୍ଗଲରେ କୌଣସି ସ୍ଥାନରେ ନିଆଁ ଲାଗିଲେ ଯେପରି ତୁରନ୍ତ ନିୟନ୍ତ୍ରଣ କରାଯାଇପାରିବ ସେଥିପ୍ରତି ଗୁରୁତ୍ୱ ଦେବା ଏବଂ ଅଭୟାରଣ୍ୟରେ ପଡ଼ିଥିବା ଗଛ, ବିଦ୍ୟୁତ ଖୁଣ୍ଟ ସଫା କରିବାକୁ ପରାମର୍ଶ ଦେଇଥିଲେ। ଅଭୟାରଣ୍ୟର ପ୍ରାକୃତିକ ପରିବେଶ ସଜାଡ଼ିବା ଲାଗି ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଜଙ୍ଗଲ ବାହରକୁ ଚାଲିଯାଇଥିବା ହରିଣମାନଙ୍କୁ ସୁରକ୍ଷିତ ଭାବେ ଅଭୟାରଣ୍ୟକୁ ଫେରାଇ ଅଣାଯିବ। ବାତ୍ୟାରେ ବହୁ ଗଛ ପଡ଼ିଯାଇଛି। ବାଲୁଖଣ୍ଡ ଛାରଖାର ହୋଇଯାଇଛି। ତଥାପି ହରିଣମାନଙ୍କ ଲାଗି ପାଣି ଓ ମିଡୋ (ଘାସ ଚାରା କ୍ଷେତ୍ର) ସୁରକ୍ଷିତ ରହିଛି। ଯେପରି ଖରାଦିନେ ହରିଣମାନଙ୍କ ଖାଦ୍ୟ ନେଇ କୌଣସି ସମସ୍ୟା ନ ହୁଏ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ମହାପାତ୍ର କହିଥିଲେ। ସେହିପରି ସଦର ରେଞ୍ଜର ସରୋଜ ମହାନ୍ତି କହିଛନ୍ତି, ବର୍ତ୍ତମାନ ସୁଦ୍ଧା ବାଲୁଖଣ୍ଡର ୬୦ପ୍ରତିଶତ ଅଞ୍ଚଳରେ କର୍ମଚାରୀମାନେ ବୁଲି ବୁଲି ହରିଣମାନଙ୍କୁ ଠାବ କରୁଛନ୍ତି। ଏ ନେଇ ୫ଟି ଟିମ ଗଠନ କରାଯାଇଛି। ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ଟିମ୍ ବୁଲୁଛନ୍ତି। ଆସନ୍ତା ସପ୍ତାହକ ମଧ୍ୟରେ ବଳକା ୪୦ ପ୍ରତିଶତ ଜଙ୍ଗଲରେ ରହିଯାଇଥିବା ହରିଣମାନଙ୍କୁ ଠାବ କରାଯିବ। ବାଲୁଖଣ୍ଡରେ ୧୬ଟି ମିଡୋ, ୨୦ଟି ବଡ ପୋଖରୀ ଏବଂ ୪୦ଟି ୱାଟର ହୋଲ (ଚୁଆ) ରହିଛି। ମୁଖ୍ୟ ରାସ୍ତାଠାରୁ ନେଚର କ୍ୟାମ୍ପ ପର୍ଯ୍ୟନ୍ତ ୨.୫ କି.ମି. ରାସ୍ତାରେ ଗଛ ପଡ଼ିରହିଛି। ପୁନରୁଦ୍ଧାର କାମ ଚାଲିଛି। ବାତ୍ୟା ପୂର୍ବରୁ ନେଚର କ୍ୟାମ୍ପରେ ରହିଥିବା ଆସବାବପତ୍ର, ବିଦ୍ୟୁତ ସରଞ୍ଜାମ ବାହାର କରାଯାଇଥିଲା। ଏଣୁ କୌଣସି ବିଶେଷ କ୍ଷତି ଘଟିନାହିଁ। ବାତ୍ୟା ପୂର୍ବରୁ ଜଙ୍ଗଲ ବାହାରକୁ ଚାଲିଯାଇଥିବା ହରିଣମାନଙ୍କ ମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ୪ଟି ଫେରିଛନ୍ତି। ନିକଟ ଗ୍ରାମକୁ ଚାଲିଯାଇଥିବା ହରିଣମାନଙ୍କର କୌଣସି କ୍ଷତି ନ କରିବା, ସେମାନଙ୍କୁ ସୁରକ୍ଷିତ ଭାବେ ବାଲୁଖଣ୍ଡରେ ପହଞ୍ଚାଇବା ଏବଂ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ଜଣାଇବା ଲାଗି ଅଞ୍ଚଳବାସୀଙ୍କୁ ଅନୁରୋଧ କରାଯାଇଛି। ବାଲୁଖଣ୍ଡରେ ଗୋରୁଗାଈ, କୁକୁରଙ୍କ କୁଢ କୁଢ ମୃତଦେହ ପଡ଼ିଛି। ଏଗୁଡ଼ିକ ପଚିଶଢି ଦୁର୍ଗନ୍ଧ ହେଉଛି। ଅନ୍ୟପଟେ ବାଲୁଖଣ୍ଡରେ ହରିଣ ମୃତ୍ୟୁ ଖବରକୁ ରେଞ୍ଜର ମହାନ୍ତି ଖଣ୍ଡନ କରିଛନ୍ତି।



ଅଭୟାରଣ୍ୟକୁ ଅନୁଧାନ କରୁଛନ୍ତି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଅନ୍ୟମାନେ।

■ ୯୦ ପ୍ରତିଶତ କ୍ଷତିଗ୍ରସ୍ତ
■ ହରିଣ ଠାବ ପାଇଁ ଗାଁ ବୁଲୁଛନ୍ତି ୫ ଟିମ୍
■ ସ୍ଥିତି ଅନୁଧାନ କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ